## ସଂକ୍ଷେପରେ

### ଘରେ ପଶି ଗହଣା, ଟଙ୍କା ଲୁଟ୍

**ରୂପ୍‌ସା, ୪।୨(ଡି.ଏନ୍.ଏ.):** ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ଛତରା ଗ୍ରାମରେ ସୋମବାର ରାତିରେ ଦୁର୍ବୃତ୍ତମାନେ ୨ଜଣ ବ୍ୟକ୍ତିଙ୍କର ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଗହଣା ଓ ୨୦ହଜାର ଟଙ୍କା ଲୁଟ୍ କରିଥିବା ବସ୍ତା ଥାନାରେ ଅଭିଯୋଗ ହୋଇଛି। ସୁଧାକର ବାରିକ ଓ ହରିଶ୍ଚନ୍ଦ୍ର ବାରିକଙ୍କ ପରିବାର ଲୋକେ ଘରେ ତାଲା ଦେଇ ରାତିରେ ଗାଁରେ ଯାତ୍ରା ଦେଖୁଥିଲେ। ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ସୁଧାକରଙ୍କ ଘର ତାଲା ଭାଙ୍ଗି ବାକ୍ସ ଭିତରୁ ସୁନା ହାର, ସୁନା ମୁଦି, ସୁନା କାନଫୁଲ ସହ ରୂପା ପାଉଁଜି ଚୋରି କରି ଚମ୍ପଟ ମାରିଥିଲେ। ସେହିପରି ହରିଶ୍ଚନ୍ଦ୍ରଙ୍କ ଘରୁ ନଗଦ ୨୦ହଜାର ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ପୋଲିସ ଏକ ମାମଲା (ନଂ. ୩୨/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ, ଯୁବକ ଗିରଫ

**ଭୋଗରାଇ, ୪।୨(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ବିଶ୍ୱନାଥପୁର ଗ୍ରାମର ଡାକବାଜି ଯନ୍ତ୍ର ଅପରେଟର ରଞ୍ଜନ ଦାସ ନାମକ ଯୁବକ ସ୍ଥାନୀୟ ଯୁକ୍ତ ୨ କଲେଜର ବିଜ୍ଞାନ ଦ୍ୱିତୀୟ ବର୍ଷରେ ପଢୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ୧୮ ବର୍ଷୀୟା ଛାତ୍ରୀଙ୍କୁ ଗତ କିଛିଦିନ ପୂର୍ବରୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଛାତ୍ରୀଙ୍କ ପିତା ଚନ୍ଦନେଶ୍ୱର ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୯/୨୦) ରୁଜୁ କରିବା ସହିତ ପ୍ରେମୀଯୁଗଳଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ କରିଥିଲେ। ପ୍ରେମୀଯୁଗଳ ଗୁଜୁରାଟ ରାଜ୍ୟ ରାଜକୋଟରେ ରହୁଥିବାର ପୋଲିସକୁ ସୂଚନା ମିଳିବା ପରେ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବିଶ୍ୱନାଥ କରଙ୍କ ସହିତ ଏକ ପୋଲିସ ଟିମ୍ ସେଠାକୁ ଯାଇ ରାଜକୋଟ ପୋଲିସ ସହାୟତାରେ ଦୁଇଜଣଙ୍କୁ କାବୁ କରି ଓଡ଼ିଶା ଫେରି ଜଳେଶ୍ୱର କୋର୍ଟରେ ହାଜର କରିଥିଲେ। କୋର୍ଟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରୀ ସେ ସାବାଳକ ତାଙ୍କର ବୟସ ୧୮ ହୋଇଥିବାରୁ ସେ ରଞ୍ଜନ ଦାସଙ୍କୁ ସ୍ୱଇଚ୍ଛାରେ ବିବାହ କରିଛନ୍ତି ବୋଲି ବୟାନ ଦେବାରୁ ମାଜିଷ୍ଟ୍ରେଟ୍ ଛାତ୍ରୀଙ୍କୁ ଉଭୟ ପରିବାରକୁ ହସ୍ତାନ୍ତର କରିବାର ନିର୍ଦ୍ଦେଶ ଦେଇଥିଲେ। ତେବେ ଛାତ୍ରୀଙ୍କ ବୟସ ପଳାଇଯିବା ଦିନରେ ୧୮ବର୍ଷରୁ କମ୍ ହୋଇଥିବାରୁ ପୋଲିସ ଯୁବକଙ୍କୁ ପୁଣି ମଙ୍ଗଳବାର କୋର୍ଟଚାଲାଣ କରିଥିବାର ସୂଚନା ମିଳିଛି। ଭାରତୀୟ ଆଇନ ବ୍ୟବସ୍ଥାରେ ଏମିତି ହୁଏ ବୋଲି ବହୁ ଆଇନଜୀବୀ ଓ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# 'ଆପରାଧିକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖ'

## ବାଲେଶ୍ୱରରେ ପୋଲିସ ମହାନିର୍ଦ୍ଦେଶକ



ପୂର୍ବାଞ୍ଚଳ ଆଇଜିଙ୍କ ଅଫିସ୍‌ରେ ଡିଜିପି ଅଭୟ ସମୀକ୍ଷା କରୁଛନ୍ତି।

**ବାଲେଶ୍ୱର ଅଫିସ, ୪।୨**

ଓଡ଼ିଶା ପୋଲିସ ବିଭାଗର ମହାନିର୍ଦ୍ଦେଶକ (ଡିଜିପି) ଅଭୟ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବାଲେଶ୍ୱରରେ ପହଞ୍ଚି ପୂର୍ବାଞ୍ଚଳ ଆଇଜିଙ୍କ ଅଫିସ୍‌ରେ ୫-ଟି ଓ ମୋ ସରକାର ସହିତ ବିଭିନ୍ନ ଆପରାଧିକ ମାମଲାର ସମୀକ୍ଷା କରିଛନ୍ତି।

ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାରେ ଅପରାଧକୁ ହ୍ରାସ କରିବା, ଦଣ୍ଡବିଧାନ, ବିଶେଷକରି ମୋ ସରକାରଙ୍କୁ ଅଧିକ କ୍ରିୟାଶୀଳ କରିବା ଏବଂ ଜନସାଧାରଣଙ୍କୁ ସେବା ଯୋଗାଇବା ଉପରେ ଡିଜିପି ଅଭୟ ବିଧିବଦ୍ଧ ସମୀକ୍ଷା କରିଥିଲେ। ତିନି ଜିଲାରେ ଘଟୁଥିବା ଆପରାଧିକ କାର୍ଯ୍ୟକଳାପକୁ ରୋକିବା ନିମନ୍ତେ ସ୍ୱତନ୍ତ୍ର ନଜର ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷ କରି ଯୋଜନାବଦ୍ଧ ଭାବେ ଅପରାଧ ଘଟାଉଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର, ଅପରାଧପ୍ରବଣ ସ୍ଥାନ ଉପରେ ଅଧିକ ପାଟ୍ରୋଲିଂ, ମହିଳା ଓ ଶିଶୁ ନିର୍ଯାତନା ରୋକିବା ନିମନ୍ତେ ବିଭାଗର ଦାୟିତ୍ୱ ଉପରେ ଆଲୋଚନା କରି ବିଭିନ୍ନ ମାମଲାର ତଦନ୍ତ ଓ ଚାର୍ଜଶିଟ୍ ଠିକ୍ ସମୟରେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ମୋ ସରକାର ଓ ବିଭିନ୍ନ ମାମଲାର ଦଣ୍ଡବିଧାନ ନିମନ୍ତେ ତଦନ୍ତ ରିପୋର୍ଟ ପ୍ରସ୍ତୁତି ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସମୀକ୍ଷା ବୈଠକରେ ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ, ଅର୍ଥନୈତିକ ଅପରାଧ ଶାଖା ଆଇଜି ଘନଶ୍ୟାମ ଉପାଧ୍ୟାୟ, ବାଲେଶ୍ୱର ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧୀକ୍ଷକ ପି. ସ୍ମିଥ ପରମାର, ଭଦ୍ରକ ଜିଲା ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ପ୍ରମୁଖଙ୍କ ସହିତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ରହିଥିବା ଜଣାପଡ଼ିଛି। ଅପରାହ୍ନ ସାଢେ ୪ଟାରେ ବାଲେଶ୍ୱର ଜିଲାର ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ, ଡିଏସ୍‌ପି, ଏସ୍‌ଡିପିଓ, ଆଇଆଇସିମାନଙ୍କୁ ବିଭିନ୍ନ ମାମଲାରେ ଠିକ୍ ତଦନ୍ତ କରିବା ସହ ପ୍ରତ୍ୟେକ ମାମଲାକୁ ଅତିଶୀଘ୍ର ଶେଷ କରିବା ପାଇଁ ପରାମର୍ଶ ଦେଇଥିଲେ। ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ।



ବାର୍ଷିକ ସମାରୋହରେ ଅତିଥିଙ୍କ ଗହଣରେ ସ୍ୱାଗତ ସଙ୍ଗୀତ ଗାନ କରାଯାଉଛି।

# ଲକ୍ଷ୍ୟ ସ୍ଥିର ଥିଲେ ସଫଳତା ନିଶ୍ଚିତ

**ରୂପ୍‌ସା,୪।୨(ଡି.ଏନ୍.ଏ.)**

ଛାତ୍ର ଜୀବନରୁ ଲକ୍ଷ୍ୟ ସ୍ଥିର ହେଲେ ସଫଳତା ମିଳେ। ଏଥିପାଇଁ ମା', ବାପା, ଶିକ୍ଷକ ଓ ଗୁରୁଜନଙ୍କ ଆଶୀର୍ବାଦ ସର୍ବଦା ଲୋଡ଼ା। ପ୍ରକୃତରେ ଛାତ୍ରୀଛାତ୍ରଙ୍କ ପାଇଁ ଆଶୀର୍ବାଦ ହିଁ ଜୀବନର ଶ୍ରେଷ୍ଠ ଉପହାର ବୋଲି ରୂପ୍‌ସା ଥାନା ଅନ୍ତର୍ଗତ ବାରାପାଳ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଉଦୟନାଥ ମହାପାତ୍ର ଉଚ୍ଚ ବିଦ୍ୟାନିକେତନର ବାର୍ଷିକ ସମାରୋହରେ ଯୋଗଦେଇ ମୁଖ୍ୟଅତିଥି ଇଂ. ପ୍ରୀତମ୍ ମହାପାତ୍ର, ମୁଖ୍ୟବକ୍ତା କେକେଏସ୍ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ରାଧାଗୋବିନ୍ଦ କୁଇଲା ମତବ୍ୟକ୍ତ କରିଛନ୍ତି।

ସୋମବାର ଆୟୋଜିତ ଉତ୍ସବରେ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ମହାପାତ୍ର ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ମାୟାଧର ମଣି, ବିଧାୟକ ପ୍ରତିନିଧି ମନୋରଞ୍ଜନ ମହାପାତ୍ର, ସିଆରସିସି ଅନିଲ କୁମାର ପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ମଣ୍ଟୁଚରଣ ପାଲ ଓ ଜୟକୃଷ୍ଣ ଗିରି, ସ୍କୁଲ ମ୍ୟାନେଜିଂ କମିଟି ଚେୟାରମ୍ୟାନ ମାନସ ମିଶ୍ର ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଉଚ୍ଚ ବିଦ୍ୟାନିକେତନ ପ୍ରଧାନ ଶିକ୍ଷକ ପଞ୍ଚାନନ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଚନ୍ଦ୍ରମୋହନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଭବାନୀଶଙ୍କର ଭୋଇ ଓ ଶିକ୍ଷକ ସୁଶାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ସଂସ୍କୃତ ଶିକ୍ଷକ ବାସୁଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଆରମ୍ଭ ହେଲା ଗୋପାଳପୁର ଆଞ୍ଚଳିକ ଲୋକ ମହୋତ୍ସବ

**ବାହାନଗା, ୪।୨(ଡି.ଏନ୍.ଏ.)**

ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଉଦ୍‌ଘାଟିତ ହୋଇଛି ଆଞ୍ଚଳିକ ଲୋକ ମହୋତ୍ସବ। ମୁଖ୍ୟଅତିଥି ତଥା ଉଦଘାଟକ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗ ଦେଇଥିଲେ। ସଭାରେ ସଭାପତିତ୍ୱ କରିଥିଲେ ଅଶ୍ୱିନୀ ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ସୋର ବିଧାୟକ ପର୍ଶୁରାମ ଧଡା, ଗିରିଶ୍ ଚନ୍ଦ୍ର ଦାଶ, ସରପଞ୍ଚ ଯୋଗେଶ ଚନ୍ଦ୍ର ପତି, ଅନ୍ତର୍ଯ୍ୟାମୀ ପଣ୍ଡା, ତାଳକୁରୁଣିଆ ପଞ୍ଚାୟତ ସରପଞ୍ଚ ବିଜୟ କୁମାର ସାହୁ, ଓଡଶାଳ ପଞ୍ଚାୟତର ସରପଞ୍ଚ ଆରତୀ ଦଳେଇ, ଶ୍ରମନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ତେବେ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ ସୀତାକାନ୍ତ ତ୍ରିପାଠୀ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ମହୋତ୍ସବକୁ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରୁଛନ୍ତି।

# ଜେଏମଏମର ଗଣଧାରଣା

**ବସ୍ତା,୪।୨(ଡି.ଏନ୍.ଏ.)**

ବସ୍ତା ରେଳ ଷ୍ଟେଶନର ଆବଶ୍ୟକ ସୁବିଧା ପ୍ରଦାନ, ଉନ୍ନତୀକରଣ ଓ ଅଧିକ ଟ୍ରେନ ରହଣି ଦାବି ନେଇ ଜିଲା ଜେଏମ୍‌ଏମ୍ ପକ୍ଷରୁ ଷ୍ଟେଶନ ସମ୍ମୁଖରେ ଗଣଧାରଣା ଦିଆଯାଇଛି । ମଙ୍ଗଳବାର ବାଲେଶ୍ୱର ଜିଲା ଜେଏମ୍‌ଏମ୍ ସଭାପତି କମଲଲୋଚନ ବାରିକଙ୍କ ନେତୃତ୍ୱରେ ଶତାଧିକ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର କର୍ମୀମାନେ ଧାରଣାରେ ବସିଥିଲେ। ବସ୍ତା ରେଳ ଷ୍ଟେସନ ଉପରେ ବାଲେଶ୍ୱର ମୟୁରଭଞ୍ଜ ଜିଲାର ୫ଟି ବ୍ଲକର ଲୋକ ନିର୍ଭର କରୁଛନ୍ତି । ଏଣୁ ଲୋକଙ୍କ ଯାତାୟାତକୁ ନଜରରେ ରଖି ୧୩ ଦଫା ଦାବି ନେଇ ଏହି ଗଣଧାରଣା ଦିଆଯାଇଥିଲା । ଆନ୍ଦୋଳନ ଚାଲିଥିବା ଖବର ପାଇ କର୍ମସିଆଲ ଇନ୍ସପେକ୍ଟର ଅନୀଲ ଜରାଇଙ୍କ ସମେତ ରେଳ ବିଭାଗର ଅଧିକାରୀ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ଦିନରେ ୪ନଂ. ପ୍ଲାଟଫର୍ମ ନିର୍ମାଣ, ସେଡ ନିର୍ମାଣ କରାଯିବାର ପ୍ରତିଶ୍ରୁତି ଦିଆଯାଇଥିବା ଜେଏମ୍‌ଏମ୍ ସଭାପତି ବାରିକ ପ୍ରକାଶ କରିଛନ୍ତି । ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଘାସିରାମ ମାଝି, ବୁଦ୍ଧିଆ ମୁର୍ମୁ, ମିଲି ମୁଖୀ, ମୀର ଜାହିରୁଦ୍ଦିନ କାଦ୍ରୀ, ପ୍ରସାନ୍ତ ପାତ୍ର, ଶ୍ରୀହରି ସୋରେନ ଓ ବୈଦ୍ୟନାଥ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ ।


କୁନି ବୈଜ୍ଞାନିକ ବିପ୍ଳବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କୃଷି ଯନ୍ତ୍ରପାତି ଉଦ୍ଭାବକ କୁନି ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା

**ରୂପ୍‌ସା, ୪।୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକର ୭ମ ଶ୍ରେଣୀ ଅଧ୍ୟୟନରତ କୁନି ବୈଜ୍ଞାନିକ ବିପ୍ଳବ କୁମାର ଘୋଷଙ୍କୁ ବେଣାପୁରା 'ଜୀବନ ସାଥୀ' ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଙ୍ଗଠନର ପ୍ରତିଷ୍ଠାତା ସମ୍ପାଦକ ଇଂ. ଦୀପ୍ତିମାନ ପତିଙ୍କ ସମେତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି କୁନି ବୈଜ୍ଞାନିକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ କୃଷି ଯନ୍ତ୍ରପାତି ଉଦ୍ଭାବନରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ଛାତ୍ର ବିପ୍ଳବ ସଫଳ ହେବା ପରେ ସେ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ଏଥିସହ ରାଷ୍ଟ୍ରପତିଙ୍କ ଟି ପାର୍ଟିରେ ଯୋଗଦେବାକୁ ସ୍ଥାନ ପାଇଥିବାରୁ ସବୁ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ମାତ୍ର ୧୨ବର୍ଷ ବୟସରେ ସେ ଏଭଳି ଏକ ନୂତନ କୃଷିଯନ୍ତ୍ର ଉଦ୍ଭାବନ କରିଛନ୍ତି, ଯାହା ଏକ ସମୟରେ ଜମିରେ ହଳ, ମଇ, ବିହନ ଓ ସାର ବୁଣିବା ସହ ଔଷଧ ଓ ପାଣି ସ୍ପ୍ରେ ଭଳି ୬ଟି କାର୍ଯ୍ୟ କରିପାରିବ। ସଙ୍ଗଠନର କର୍ମକର୍ତ୍ତା ଏହି କୁନି ବୈଜ୍ଞାନିକଙ୍କ ସହ ଆଲୋଚନା କରି ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଡାକ୍ତର ମାଡ଼ ମାରିବା ଘଟଣା

# ଥାନାରେ ୨ ମାମଲା ରୁଜୁ

**ଭୋଗରାଇ, ୪।୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଚିନ୍ମୟ କୁମାର ପରିଡ଼ା ସୋମବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଉଭୟପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଭୋଗରାଇ ପୋଲିସ ଏନେଇ ଦୁଇଟି ମାମଲା (ନଂ. ୨୪/୨୦ ଓ ୨୫/୨୦) ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ସୋମବାର ସନ୍ଧ୍ୟାରେ ଭୋଗରାଇ ଗ୍ରାମର ମନୋଜ ଭଞ୍ଜଙ୍କ ସ୍ତ୍ରୀ ସୁମିତା ଭଞ୍ଜ ତାଙ୍କ ଛୋଟଝିଅଙ୍କୁ ଧରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ଡାକ୍ତର ଚିନ୍ମୟ କୁମାର ପରିଡ଼ା ସୁମତୀଙ୍କୁ କୌଣସି କାରଣରୁ ତାଙ୍କ ସ୍ୱାମୀଙ୍କ ବିରୋଧରେ ଆପତ୍ତିଜନକ ଭାଷା ପ୍ରୟୋଗ କରିଥିଲେ। ସୁମତୀ ବାହାରକୁ ଆସି ଏ ସମ୍ପର୍କରେ ତାଙ୍କ ସ୍ୱାମୀ ମନୋଜଙ୍କୁ ଜଣାଇବା ପରେ ସେ ଏହାର ପ୍ରତିବାଦ କରିଥିଲେ। ଡାକ୍ତର ଏଥିରେ ଉତ୍ତେଜିତ ହୋଇ ଚାପୁଡ଼ା ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ବିଷୟରେ ସ୍ଥାନୀୟ ଲୋକେ ଜାଣିବା ପରେ ଉତ୍ତ୍ୟକ୍ତ ହୋଇପଡିଥିଲେ। ଶହ ଶହ ଲୋକ ଡାକ୍ତରଖାନାରେ ପହଞ୍ଚି ପ୍ରତିବାଦ କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ଡାକ୍ତରଙ୍କ ବଦଳି ଦାବିରେ ଟାୟାର ଜାଳି ନାରାବାଜି ଦେଇଥିଲେ। ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ଭୋଗରାଇ ଥାନା ଅଧିକାରୀ ନରେନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ପହଞ୍ଚି ଆନ୍ଦୋଳନକାରୀ ଓ ଡାକ୍ତରଙ୍କ ସହିତ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏକ ବୈଠକ କରି ଆଲୋଚନା କରିଥିଲେ। ମଙ୍ଗଳବାର ସମାଧାନର ସୂତ୍ର ବୈଠକ ମାଧ୍ୟମରେ ହେବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ମଙ୍ଗଳବାର ଏହି ଘଟଣା ଭିନ୍ନମୋଡ଼ ନେଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଚିନ୍ମୟ କୁମାର ପରିଡ଼ା ଚାପୁଡ଼ା ମାରିବା ଘଟଣା ଅସ୍ୱୀକାର କରିବା ସହିତ ରୋଗୀଙ୍କ ସମ୍ପର୍କୀୟମାନେ ଡାକ୍ତର, ତାଙ୍କ ସ୍ତ୍ରୀ ଓ ଛୋଟ ପିଲାଙ୍କୁ ମାଡ଼ ମାରି ନିଆଁ ଲଗାଇ ପୋଡ଼ିଦେବାକୁ ଉଦ୍ୟମ କରିଥିବା ଡାକ୍ତରଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୫ଜଣରୁ ଊର୍ଦ୍ଧ୍ୱ ଲୋକଙ୍କ ବିରୋଧରେ ମାମଲା ରୁଜୁ କରିଛି। ଅବିଳମ୍ବେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଡାକ୍ତର ପୋଲିସ ଉଚ୍ଚ କର୍ତ୍ତୃପକ୍ଷ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ରାଜ୍ୟ ଓମ୍‌ସା ସଂଘକୁ ମେଲ ବାର୍ତ୍ତା ପଠାଇଥିବା ସୂଚନା ମିଳିଛି।

# ସମ୍ପର୍କ ଯୋଡ଼େ ମହୋତ୍ସବ

**ଜଳେଶ୍ୱର, ୪।୨(ଡି.ଏନ୍.ଏ.):** ଜଳେଶ୍ୱର ମହୋତ୍ସବର ୭ମ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ କମିଟିର ସମ୍ପାଦକ ଅଜିତ କୁମାର ମହାନ୍ତିଙ୍କ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷକ ନେତା ତଥା ଓଷ୍ଟାର ପୂର୍ବତନ ରାଜ୍ୟ ସଭାପତି ଇନ୍ଦୁମାଧବ ମହାନ୍ତି ଯୋଗଦେଇ ମହୋତ୍ସବ ମାଧ୍ୟମରେ ଭାଷା, ସାହିତ୍ୟ ଓ ସଂସ୍କୃତିର ପରିପ୍ରକାଶ ହୋଇଥାଏ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ଗୌତମ ବୁଦ୍ଧ ଦାସ ଯୋଗଦେଇ ମଣିଷ ମଧ୍ୟରେ ସମ୍ପର୍କ ଯୋଡ଼ିବାରେ ମହୋତ୍ସବ ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଷ୍ଟାର ପୂର୍ବତନ ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଯୋଗଦେଇ ନିଜ ନିଜ ମଧ୍ୟରେ ଭାଇଚାରା ରଖିବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଗଣେଶୀ ଲାଲଙ୍କ ଦ୍ୱାରା ବାଲେଶ୍ୱର ଜିଲାର ଶ୍ରେଷ୍ଠ କୁଷ୍ଠ ସେବିକା ଭାବେ ପୁରସ୍କୃତ ଆଶାକର୍ମୀ ପୁଷ୍ପାଞ୍ଜଳି ଟୁଡୁଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ଶିଳ୍ପୀ ଦୀପ୍ତି ରାଉତରାୟ ଏବଂ ତାଙ୍କ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବଂଶୀଧର ବାରିକ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ଅଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରୋଟାରାକ୍ଟ କ୍ଲବ ପକ୍ଷରୁ ଆୟୋଜିତ ଭାଗ୍ୟବାନ ଶିଶୁ ପ୍ରତିଯୋଗିତାରେ ବଡ଼ବଜାରର ଦେବ ଘୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଅତିଥିଙ୍କ ଦ୍ୱାରା ଶ୍ରେଷ୍ଠ କୁଷ୍ଠ ସେବିକା ଭାବେ ପୁରସ୍କୃତ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କୃଷି କର୍ମଚାରୀଙ୍କୁ ମିଳିନି ୩ ମାସର ଦରମା

**ଜଳେଶ୍ୱର, ୪।୨(ସ୍ୱ.ପ୍ର.):** ବାଲେଶ୍ୱର ଜିଲାର ଜଳେଶ୍ୱର କୃଷି ଜିଲା ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଗତ ୩ ମାସର ଦରମା ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨୦୧୯ ଅକ୍ଟୋବର ୩୦ ତାରିଖରେ ଏଠାରୁ କୃଷି ଜିଲା ଅଧିକାରୀ ସୁରେନ୍ଦ୍ର କୁମାର ମହାପାତ୍ର ଅବସର ନେବାରୁ ତାଙ୍କ ପଦବୀରେ କାହାକୁ ନିଯୁକ୍ତି ମିଳି ନାହିଁ। ଫଳରେ ଗତ ନଭେମ୍ବରଠାରୁ ଜାନୁୟାରୀ ପର୍ଯ୍ୟନ୍ତ ଏହି କୃଷି ଜିଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକସ୍ତରୀୟ କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ ଗ୍ରାମ୍ୟ କୃଷି ଅଧିକାରୀ ଓ କାର୍ଯ୍ୟାଳୟର ସହକାରୀମାନଙ୍କୁ ଦରମା ମିଳିନାହିଁ। ପ୍ରାୟ ୫୦ଜଣ କର୍ମଚାରୀ ଏହି ଦରମା ପାଇ ନ ଥିବାରୁ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ଏହି କାର୍ଯ୍ୟାଳୟରେ ୨ଜଣ କୃଷି ଜିଲା ଅଧିକାରୀ କାର୍ଯ୍ୟଭାର ଗ୍ରହଣ କରିଥିଲେ ମଧ୍ୟ ଦରମା ଦେବା ନିମନ୍ତେ ସେମାନଙ୍କର କ୍ଷମତା ନ ଥିବା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି କ୍ଷମତା କୃଷି ଜିଲା ଅଧିକାରୀ ଦିଆଯିବାକୁ ଦାବି ହୋଇଛି।

# ଫେରାର ଅଭିଯୁକ୍ତ ଗିରଫ

**ଜଳେଶ୍ୱର, ୪।୨(ସ୍ୱ.ପ୍ର.):** ୧୪ବର୍ଷ ପୂର୍ବରୁ ଏକ ମାମଲାରେ ସମ୍ପୃକ୍ତ ଥିବା ଜଣେ ଫେରାର ଅଭିଯୁକ୍ତଙ୍କୁ ଜଳେଶ୍ୱର ପୋଲିସ ଗିରଫ କରିଛି। ଜଳେଶ୍ୱର ମ୍ୟୁନିସିପାଲଟିର ଅଲାଲପୁର ଗାଁର ସଞ୍ଜିତ ରାୟ ଓ ଅନ୍ୟ ୪ଜଣ ମିଶି ସେହି ଗାଁର ସତିଶ ପରିଡ଼ା ଓ ତାଙ୍କ ପରିବାରକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏକ ମାମଲା (ନଂ.୩୭୪/୨୦୦୫) ରୁଜୁ ହୋଇ ଜଳେଶ୍ୱର କୋର୍ଟରେ ବିଚାର ହୋଇଥିଲା। ସଞ୍ଜିତ୍ ଓ ଅନ୍ୟ ୪ ଜଣଙ୍କୁ ଗିରଫ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# 'ମୁଁ ସଚେତନ ହେବି, ଅନ୍ୟକୁ ବି କରାଇବି'

## ସ୍ୱାସ୍ଥ୍ୟକେନ୍ଦ୍ରରେ ପାଳନ ହେଲା ବିଶ୍ୱ କର୍କଟ ଦିବସ

**ଖଇରା,୪।୨(ଡି.ଏନ୍.ଏ.)**

ସବୁଜ ପନିପରିବା ସହ ପୁଷ୍ଟିକର ଖାଦ୍ୟ ଖାଇଲେ କର୍କଟ ଆକ୍ରାନ୍ତର ଆଶଙ୍କା କମ। ଅନ୍ୟପକ୍ଷରେ ଏହି ରୋଗ ଆରମ୍ଭ ହେବା ମାତ୍ରେ ଡାକ୍ତର ପରାମର୍ଶ କରାଗଲେ ଏହାର ଶତ ପ୍ରତିଶତ ସଫଳ ଚିକିତ୍ସା କରାଯାଇପାରୁଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ରୋଗ ଚିହ୍ନଟ କରାଯିବାର ବ୍ୟବସ୍ଥା ହୋଇପାରୁଛି। ଆବଶ୍ୟକ ସଚେତନ ଦ୍ୱାରା ହିଁ ଏହାର ସଫଳ ମୁକାବିଲା ହୋଇପାରିବ। ଭୟର କୌଣସି କାରଣ ନାହିଁ ବୋଲି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ କର୍କଟ ଦିବସ ପାଳନ ଅବସରରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ର ପ୍ରକାଶ କରିଛନ୍ତି। ଚଳିତବର୍ଷର ବିଷୟବସ୍ତୁ ମୁଁ ସଚେତନ ହେବି, ଅନ୍ୟକୁ କରାଇବିବାର୍ତ୍ତାକୁସମସ୍ତେପାଳନକରିବାକୁ ଉପସ୍ଥିତ ଥିବା ଆଶା, ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ସଞ୍ଜୁକ୍ତା ପଣ୍ଡା ପ୍ରମୁଖ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ପୁରୁଷ ସ୍ୱାସ୍ଥ୍ୟକର୍ମୀ ମୁକ୍ତିକାନ୍ତ ପଣ୍ଡା, ପ୍ରସନ୍ନଜିତ ସାମଲଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।


କର୍କଟ ଦିବସ ପାଳନ ଅବସରରେ ଡା. ପ୍ରଭାକର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

### ଅଲଟ୍ରାସାଉଣ୍ଡ ମେଶିନ ଅଭାବକୁ ନେଇ ଉଦ୍‌ବେଗ

ଖଇରା ଅଞ୍ଚଳରେ ଅଲଟ୍ରାସାଉଣ୍ଡ ମେଶିନ ଅଭାବକୁ ନେଇ ଉପସ୍ଥିତ ଡାକ୍ତର, ଆଶାକର୍ମୀ, ଷ୍ଟାଫ୍ ନର୍ସ ତଥା ସମସ୍ତ କର୍ମଚାରୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଖଇରାରେ ସରକାରୀ ଉଦ୍ୟମରେ କି ବେସରକାରୀ ଉଦ୍ୟମରେ ଏପର୍ଯ୍ୟନ୍ତ ଅଲଟ୍ରାସାଉଣ୍ଡ ମେଶିନର ବ୍ୟବସ୍ଥା ହୋଇପାରୁ ନ ଥିବା ଯୋଗୁ କେବଳ କର୍କଟ ନୁହେଁ କୌଣସି ରୋଗ ପରୀକ୍ଷା ପାଇଁ ରୋଗୀଟିଏ ୧୫ଶହ ଟଙ୍କା ଖର୍ଚ୍ଚ କରି ବାଲେଶ୍ୱର ଯିବାକୁ ବାଧ ହେଉଛି। ଏଣୁ ସରକାର ଅତି କମ୍‌ରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଅଲଟ୍ରାସାଉଣ୍ଡ ମେଶିନ ଯୋଗାଇଦେବାକୁ ଦାବି କରାଯାଇଛି।

# ଆମରଣ ଅନଶନ ପ୍ରତ୍ୟାହୃତ

**ସୋର, ୪।୨(ଡି.ଏନ୍.ଏ.)**

ସୋର ବ୍ଲକ ଅନ୍ତର୍ଗତ ଟେଣ୍ଟେଇ ପଞ୍ଚାୟତର ଟେଣ୍ଟେଇ ଭିକାରୀ ଚରଣ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ପ୍ରତିବାଦରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଆମରଣ ଅନଶନ ପ୍ରତ୍ୟାହୃତ ହୋଇଯାଇଛି। ସ୍ଥାନୀୟ ଗ୍ରାମବାସୀ, ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଏନେଇ ଆମରଣ ଅନଶନ କରିଥିଲେ।

ଉକ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳକୁ ସୋର ବ୍ଲକ ଶିକ୍ଷାଧିକାରୀ ମାୟାଧର ସାହୁ ସନ୍ଧ୍ୟାରେ ଅନଶନକାରୀଙ୍କ ସହିତ ଆଲୋଚନା କରି ଦିବାକର ବେହେରାଙ୍କୁ ଶିକ୍ଷକ ଭାବେ ଡେପୁଟେଶନରେ ପଠାଇଛନ୍ତି। ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଞ୍ଜିତା ସାହୁ ଅନ୍ୟ ଆଡ଼େ ଡେପୁଟେଶନରେ ଯାଉଥିବାରୁ ସେଠାରେ ତାଙ୍କୁ ପ୍ରତ୍ୟାହାର କରିନିଆଯାଇଛି। ଅନ୍ୟ ଶିକ୍ଷକ ପଦବୀ ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି। ଏହି ଅନଶନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାସୁଦେବ ବେହେରାଙ୍କ ନେତୃତ୍ୱରେ ପ୍ରଶାନ୍ତ ପାଣିଗ୍ରାହୀ, ଶରତ ବାରିକ, ବସନ୍ତ ମଳିକ, ଶରତ ପାଣିଗ୍ରାହୀ, ଭାନୁମତି ଅଗସ୍ତି ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମ୍ମୁଖରେ ବସିଥିଲେ।



ବିଦ୍ୟାଳୟ ଆଗରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଆମରଣ ଅନଶନରେ ବସିଛନ୍ତି।

ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ୫ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### ୪୫୦ ବସ୍ତା କୋଇଲା ଜବତ



**ଭଦ୍ରକ ଅଫିସ, ୪।୨:** ଧାମରା ଅଞ୍ଚଳରେ କୋଇଲା ଚୋରିକୁ ରୋକିବା ପାଇଁ ବନ୍ଦର ସିକ୍ୟୁରିଟି ଅଧିକାରୀ ସୁନୀଲ ଥୋମାସଙ୍କ ନିର୍ଦ୍ଦେଶରେ ଏକ ୨୦ ଜଣିଆ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରାୟ ୪୫୦ ବସ୍ତା କୋଇଲା ମଙ୍ଗଳବାର ଜବତ କରିଛନ୍ତି। ଜବତ କୋଇଲାକୁ ଧାମରା ବନ୍ଦର ଅଧୀନରେ ଥିବା ଭଟ୍ଟତିରା, ଗୁରୁଦାସପୁର ଓ ମନ୍ତେଇ ନିକଟରେ ରଖାଯାଇଛି। ଆଗାମୀ ଦିନରେ କୋଇଲା ଚୋରିକୁ ରୋକିବା ପାଇଁ ଏହାର ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ଓ ଏହାକୁ କାର୍ଯ୍ୟକାରୀ କରାଯିବ। ଏଥିସହିତ କୋଇଲା ଚୋରିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରାଯିବ ବୋଲି ଧାମରା ବନ୍ଦର ସିକ୍ୟୁରିଟି ଅଧିକାରୀ ସୂଚନା ଦେଇଛନ୍ତି।

### ଅତିରିକ୍ତ ତହସିଲଦାରଙ୍କୁ ଭେଟିଲେ ଗଦି ବଜାର କମିଟି ସଦସ୍ୟ

**ତିହିଡ଼ି,୪।୨(ଡି.ଏନ୍.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗଦି ବଜାର କମିଟିର ସଦସ୍ୟମାନେ ମଙ୍ଗଳବାର ମଧ୍ୟାହ୍ନରେ ଅତିରିକ୍ତ ତହସିଲଦାରଙ୍କୁ ଭେଟିଛନ୍ତି। ଗଦି ବଜାରରୁ ଦୋକାନୀମାନଙ୍କୁ ଉଚ୍ଛେଦ ନିମନ୍ତେ ତହସିଲ ପକ୍ଷରୁ ହୋଇଥିବା ନୋଟିସର ପୁନର୍ବିଚାର କରିବାକୁ ସେମାନେ ନିବେଦନ କରିଥିଲେ। ଅତିରିକ୍ତ ତହସିଲଦାର ଶ୍ୱେତପଦ୍ମା ଧଳ ଏ ସମ୍ପର୍କରେ ତହସିଲଦାରଙ୍କ ସହ ଆଲୋଚନା କରିବା ପରେ ପଦକ୍ଷେପ ନେବେ ବୋଲି କହିଥିଲେ। ତହସିଲ କାର୍ଯ୍ୟାଳୟ ପକ୍ଷରୁ ସପ୍ତାହକ ପୂର୍ବେ ଗଦି ବଜାରର ଦୋକାନୀ ମାନଙ୍କୁ ଉଚ୍ଛେଦ ପାଇଁ ନୋଟିସ ହୋଇଥିଲା। ଏ ନେଇ ବଜାର କମିଟି ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। କମିଟିର ସଭାପତି କୈଳାସ ଭୂୟାଁ, ସମ୍ପାଦକ ବିଜୟ ବିଶ୍ୱାଳଙ୍କ ସମେତ ବିଧାୟକଙ୍କ ପ୍ରତିନିଧି ପ୍ରଶାନ୍ତ ବିଶ୍ୱାଳ, ସରପଞ୍ଚ ସନାତନ ବାରିକ, ସଚ୍ଚଚରଣ ବିଶ୍ୱାଳ, ଚିତ୍ତରଞ୍ଜନ ବାରିକଙ୍କ ସମେତ ଦୋକାନୀମାନେ ଅତିରିକ୍ତ ତହସିଲଦାରଙ୍କୁ ଭେଟିଥିଲେ।

### ଆହତ ଷଣ୍ଢର ଅସ୍ତ୍ରୋପଚାର କଲେ ପ୍ରାଣୀ ନିରୀକ୍ଷକ



**ବନ୍ତ,୪।୨(ସ୍ୱ.ପ୍ର.):** ବନ୍ତ ବ୍ଲକ ନରସିଂହପୁର ପାନପଦୀ ଛକରେ କିଛି ଦିନ ଧରି ଆହତ ଅବସ୍ଥାରେ ପଡିରହିଥିବା ସ୍ଥାନୀୟ ଗୁପ୍ତେଶ୍ୱର ମହାଦେବଙ୍କ ଷଣ୍ଢର ଅସ୍ତ୍ରୋପଚାର ସ୍ଥାନୀୟ ଯୁବକ ମାନଙ୍କ ସହାୟତାରେ ବସନ୍ତିଆ ପ୍ରାଣୀଧନ ନିରୀକ୍ଷକ କୃଷ୍ଣଚନ୍ଦ୍ର ଲେଙ୍କା କରିଛନ୍ତି। ଷଣ୍ଢଟିର ହୁଙ୍କୁଡ ପାଖରୁ ଗୋଟିଏ ଗୋଡ ବାହାରିଥିଲା। କୌଣସି କାରଣରୁ ଆଘାତ ହୋଇ ଉକ୍ତ ଗୋଡ ବାହାରିଥିବା ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସଂକ୍ରମଣ ହୋଇଯାଇଥିଲା। କିଛିଦିନ ତଳେ ପ୍ରାଣୀ ନୀରିକ୍ଷକ ଲେଙ୍କା ତାହାର ଚିକିତ୍ସା କରିଥିଲେ ମଧ ସୁଧାର ନଆସିବାରୁ ଏବେ ଉକ୍ତ ସଂକ୍ରମଣ ଗୋଡଟିକୁ ଅସ୍ତ୍ରୋପଚାର କରି ଶରୀରରୁ ବାହାର କରିଦେଇଛନ୍ତି। ଏଥିରେ ସ୍ଥାନୀୟ ସମାଜସେବୀ ଶିବନାରାଣ ବିଶ୍ୱାଳ, ୱାର୍ଡ ସଭ୍ୟ ସନ୍ତୋଷ କୁମାର ସ୍ୱାଇଁ, ନିହାର ରଞ୍ଜନ ପରିଡା, ଜଗନ୍ନାଥ ସ୍ୱାଇଁ, ମୁନମୁନ ପରିଡା ପ୍ରମୁଖ ସହଯୋଗ କରିଥିଲେ। ଯୁବଗୋଷ୍ଠୀ ଓ ପ୍ରାଣୀନୀରିକ୍ଷକଙ୍କ ଏପରି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

### ଅସହାୟଙ୍କୁ କମ୍ବଳ ବଣ୍ଟନ

**ଭଦ୍ରକ ଅଫିସ, ୪।୨:** ମଙ୍ଗଳବାର ଫ୍ରେଣ୍ଡସ୍ ଗ୍ରୁପ୍ ପରିବାର ତରଫରୁ ଚରମ୍ପା ହନୁମାନ ମନ୍ଦିର ପରିସରରେ ବସିଥିବା କିଛି ଅସହାୟ ଲୋକଙ୍କୁ କମ୍ବଳ ଓ ଖାଦ୍ୟ ବଣ୍ଟନ କରାଯାଇଛି। ଗ୍ରୁପ ସଭାପତି ରଶ୍ମି ରଞ୍ଜନ ସାହୁ, ଉପସଭାପତି ମୁକ୍ତିକାନ୍ତ ମଲ୍ଲିକ, ରଘୁନାଥ ପଲେଇ, ଅନାମ ଦାସ, ରାମ ମିଶ୍ର, ଆଶିଷ ରଞ୍ଜନ ଓଝା, ମନୋରଞ୍ଜନ ବାରିକ୍, ଜଗା ମଳିକ୍, ସରୋଜ ବାରିକ ପ୍ରମୁଖ ଏହି କମ୍ବଳ ବଣ୍ଟନରେ ସହାୟତା କରିଥିଲେ।

# ୨୧ ଜଣଙ୍କ ନାମରେ ମାମଲା ରୁଜୁ

**ଅତିରିକ୍ତ ତହସିଲଦାର, ଆର୍‌ଆଇଙ୍କୁ ଆକ୍ରମଣ ଘଟଣା**

ଭଣ୍ଡାରିପୋଖରୀ, ୪।୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ବନ୍ଧାଲୋ ମଡ଼ିଆଳୀ ପଞ୍ଚାୟତ ବିରିଡ଼ିସ୍ଥିତ ବୈତରଣୀ ନଦୀପଠାରୁ ବେଆଇନ ବାଲି ଚୋରାଚାଲାଣ ରୋକିବାକୁ ଉଦ୍ୟମ କରି ମଞ୍ଜୁରିରୋଡ଼ ଅତିରିକ୍ତ ତହସିଲଦାର ଶରତ କୁମାର ସ୍ୱାଇଁ ଓ ଆର୍‌ଆଇ ରାମନାରାୟଣ ସାମଲ ବାଲିମାଫିଆଙ୍କ ଆକ୍ରମଣର ଶିକାର ହୋଇଛନ୍ତି। କେତେକ ବାଲିମାଫିଆ ଓ ଟ୍ରାକ୍ଟର ମାଲିକ ଆର୍‌ଆଇ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିବା ସହ ଅତିରିକ୍ତ ତହସିଲଦାର ସ୍ୱାଇଁ, ଆର୍‌ଆଇ ସାମଲ ଓ ତହସିଲ କର୍ମଚାରୀ ପ୍ରଦୀପ ଜେନାଙ୍କୁ ଠେଙ୍ଗା, ରଡ୍ ଓ ଟେକାରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଅତିରିକ୍ତ ତହସିଲଦାର ସ୍ୱାଇଁ ସୋମବାର ବିଳମ୍ବିତ ରାତିରେ ସ୍ଥାନୀୟ ଥାନାରେ ବିରିଡ଼ି ଗ୍ରାମର ରମେଶ ରାଉତ, ବନ୍ଧାଲୋ ଗ୍ରାମର ଅମରେଶ ବିଶ୍ୱାଳ, ବାବଲପୁର ଗ୍ରାମର ଅନୀଲ କର, ଶାସନର ଆନନ୍ଦ ସାହୁ, ସଞ୍ଜୟ ସାହୁ, ଭରତ ନାୟକ ଓ ଅନ୍ୟ ୧୫ରୁ ଊର୍ଦ୍ଧ୍ୱ ଅସାମାଜିକ ଯୁବକ ଆକ୍ରମଣ କରିଥିବା ଅଭିଯୋଗ କରିଥିଲେ। ପୋଲିସ ଥାନାରେ ମାମଲା(ନଂ. ୨୮/୨୦) ଦଫା ୩୪୧, ୨୯୪, ୪୫୨, ୩୩୨, ୩୩୩, ୩୫୩, ୩୦୭, ୫୦୬, ୩୪ ରୁଜୁ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି।

ବାଲି ଚୋରାଚାଲାଣ ଅଭିଯୋଗକୁ ଆଧାର କରି ମଞ୍ଜୁରିରୋଡ୍ ଆର୍‌ଆଇ ସାମଲ ସୋମବାର ବୈତରଣୀ ନଦୀପଠା ପରିଦର୍ଶନ କରିଥିଲେ। ଏହି ସମୟରେ ନଦୀବନ୍ଧ ଉପରେ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଚାଳକଙ୍କୁ ଗାଡ଼ି ଆର୍‌ଆଇ କାର୍ଯ୍ୟାଳୟ ନେବାକୁ କହିଥିଲେ। ତେବେ ଚାଳକଦ୍ୱୟ ଟ୍ରାକ୍ଟରକୁ ଆଣି ନଦୀବନ୍ଧ ଉପରେ ବାଲି ଖଲାସ କରିଦେଇଥିଲେ। ଏଥିରେ ଆର୍‌ଆଇ ଅସନ୍ତୋଷ ପ୍ରକାଶ କରି ଟ୍ରାକ୍ଟର ନମ୍ବର ସହ ଫଟୋ ଉଠାଇ ପଳାଇ ଆସିଥିଲେ। ଅତିରିକ୍ତ ତହସିଲଦାର ସ୍ୱାଇଁ କୌଣସି କାମରେ ତଦନ୍ତ କରିବାକୁ ମଞ୍ଜୁରିରୋଡ଼ ଅଞ୍ଚଳକୁ ଯାଇ ଆର୍‌ଆଇଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆର୍‌ଆଇ ଏସବୁ ବିଷୟରେ କହିବା ପରେ ଅତିରିକ୍ତ ତହସିଲଦାର ଆର୍‌ଆଇଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ହେଲେ ସେଠାରୁ ଆସି ଅଧିକାରୀମାନେ ଆର୍‌ଆଇ କାର୍ଯ୍ୟାଳୟରେ ଆଲୋଚନା କରୁଥିବାବେଳେ କେତେକ ବାଲିମାଫିଆ ଓ ଟ୍ରାକ୍ଟର ମାଲିକ ପହଞ୍ଚି ଆକ୍ରମଣ କରିଥିଲେ।

## ରାଜସ୍ୱ ଅମଲା ଓ କ୍ଷେତ୍ର କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ




ତହସିଲ ସମ୍ମୁଖରେ କର୍ମଚାରୀଙ୍କ ଧାରଣା।

ଭଣ୍ଡାରିପୋଖରୀ, ୪।୨(ଡି.ଏନ.ଏ.)

ମଞ୍ଜୁରିରୋଡ଼ ଅତିରିକ୍ତ ତହସିଲଦାର ଶରତ କୁମାର ସ୍ୱାଇଁ ଓ ଆର୍‌ଆଇ ରାମନାରାୟଣ ସାମଲଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ଗିରଫ ଦାବି କରି ଭଣ୍ଡାରିପୋଖରୀ ତହସିଲର ସମସ୍ତ ରାଜସ୍ୱ ଅମଲା ଓ କ୍ଷେତ୍ର କର୍ମଚାରୀମାନେ ମଙ୍ଗଳବାର କଲମଛାଡ଼ ଆନ୍ଦୋଳନ କରିଛନ୍ତି। କର୍ମଚାରୀମାନେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଛନ୍ତି। ଏହି ଆନ୍ଦୋଳନରେ ତହସିଲର ୯ଟି ଆର୍‌ଆଇ ସର୍କଲର ୯ଜଣ ଆର୍‌ଆଇ ଓ ଏଆର୍‌ଆଇ, ଅତିରିକ୍ତ ତହସିଲଦାର ଶରତ କୁମାର ସ୍ୱାଇଁ, ବୁଦ୍ଧିରାମ ଟୁଡୁ, ଉମାଶଙ୍କର ମହାଳିକ, ତାପସ ପଣ୍ଡା, ରଞ୍ଜିତ କୁଣ୍ଡୁ, ରୀତାରାଣୀ ସିଂ, ଇତିଶ୍ରୀ ଜେନା, ସୁରେଶ ସାହୁ, ପ୍ରଦୀପ ଜେନା, ପ୍ରଭାତ ପାଢ଼ୀ, ବଳରାମ ମହାଳିକ, କମଳାକାନ୍ତ ନାୟକ, ଦିବ୍ୟରଞ୍ଜନ ଧଳ, ନଗେନ୍ଦ୍ର ଦାସ, ଆଶୁତୋଷ ଦାସ, ସଞ୍ଜୀବ ବାରିକ ପ୍ରମୁଖ ସାମିଲ ହୋଇଛନ୍ତି।



ଅତିଥି ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

## ‘ସମାଜସେବା ସହ ଦେଶ ଗଠନ କରିବାକୁ ଆହ୍ୱାନ’

ଆରଡି, ୪।୨ (ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ କୁଲେଇପଦାରେ ମା’ଖରାଖାଇ ଯୁବପରିଷଦର ୧୮ତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଣୟ ଖଟୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ ମୁଖ୍ୟଅତିଥି, ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେବା ସହ ବାର୍ଷିକୋତ୍ସବ ଉଦ୍‌ଘାଟନ କରିଥିଲେ। ଆରଡି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ କୁଲେଇପଦା ମା’ ଖରାଖାଇ ଯୁବ ପରିଷଦ ଯେଉଁଭଳି ଭାବେ ସମାଜସେବା ଅବ୍ୟାହତ ରଖିଛି ତାହା ଅନ୍ୟ ସ୍ଥାନରେ ବିରଳ। ଏହା ଚାନ୍ଦବାଲି ବ୍ଲକ ନୁହେଁ ସାରା ଜିଲାରେ ଚର୍ଚ୍ଚାର ବିଷୟ ବସ୍ତୁ ପାଲଟିଛି। ସମାଜ ସେବା ସହ ଦେଶ ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ, ତାହାକୁ ଲକ୍ଷ୍ୟ କରି ଏହି ଅନୁଷ୍ଠାର ଯୁବକ ମାନେ କାର୍ଯ୍ୟକରିବାକୁ ଅତିଥି ମାନେ କ୍ଲବ ସଭ୍ୟ ମାନଙ୍କୁ ଆହ୍ୱାନ ଜଣାଇଥିଲେ। ଅନୁଷ୍ଠାନର ସଭ୍ୟ ଦେବାଶିଷ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭୂତି ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମରେନ୍ଦ୍ର ବିଶ୍ୱାଳ ଶେଷରେ ଧନ୍ୟବାଦ ଅର୍ପଣ କରିଥଲେ। ଯୁବ ପରିଷଦର ବରିଷ୍ଠ ସଭ୍ୟ ସୁନିଲ ବିଶ୍ୱାଳ, ଜୟନ୍ତ ନାୟକ, ଜ୍ୟୋତି ପ୍ରକାଶ ବିଶ୍ୱାଳ, ଚିନ୍ମୟ ବିଶ୍ୱାଳ ପ୍ରମୁଖ ସଭା ପରିଚାଳନାରେ ସହାୟତା କରିଥିଲେ। କେବଳ ସେତିକି ନୁହେଁ ଯୁବପରିଷଦ ସଦସ୍ୟମାନେ ସକାଳେ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିଥିଲେ। ଭୁବନେଶ୍ୱର ସ୍ଥିତ ଆପୋଲୋ ହସପିଟାଲର ବିଭିନ୍ନ ବିଭାଗର ଡାକ୍ତରମାନେ ୨୦୦ରୁ ଅଧିକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥି ସହିତ ଶିବିରରେ ମାଗଣାରେ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା।

## ମନ ମୋହିଲେ ଶ୍ରବଣ କୁମାର ଓ ଗାନ୍ଧୀ, ଜବାହାର

**ଶେଷ ହେଲା ତିହିଡ଼ି ମହୋତ୍ସବ**

ତିହିଡ଼ି,୪।୨(ଡି.ଏନ୍.ଏ.)

ଭଦ୍ରକ ଜିଲା ତିହିଡ଼ି କାଳୀପଡ଼ିଆରେ ଶ୍ୟାମା କ୍ଲବ ପକ୍ଷରୁ ୫ଦିନ ଧରି ଚାଲିଥିବା ୩ୟ ତିହିଡ଼ି ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ଫାଟକ ପାର୍ଶ୍ୱରେ ଶ୍ରବଣ କୁମାର ଓ ମହାତ୍ମାଗାନ୍ଧୀ ଏବଂ ଜବାହରଲାଲ ନେହେରୁଙ୍କ ଅବିକଳ ବେଶ ଦର୍ଶକମାନଙ୍କ ମନ ମୋହିଥିଲା। ଏଠାରେ ଦୀର୍ଘ ୫ଘଣ୍ଟା ଧରି ବେଶ୍ ଗହଳି ଲାଗିଥିବା ପରିଲକ୍ଷିତ ହୋଇଥିଲା। ଏହି ମୂର୍ତ୍ତି ଷ୍ଟାଚ୍ୟୁ ପରି ମନେ ହେଉଥିଲେ ମଧ ଏହା ଯେ ଜୀବନ୍ତ ଥିଲା ତାହା ଲୋକମାନେ ବିଶ୍ୱାସ କରିପାରୁ ନ ଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ ଯୋଗ ଦେଇ ଓଡ଼ିଆ ସାହିତ୍ୟକୁ ତିହିଡ଼ି ମାଟିର ଯଥେଷ୍ଟ ଅବଦାନ ଥିବା ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ସର ଡା. ସୁଜିତ୍ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ମହୋତ୍ସବ କମିଟିର ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ ଅତିଥି ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାଛଡ଼ା ତିହିଡ଼ି ଅଞ୍ଚଳରୁ ନିକଟରେ ଆଇଏଏସ୍ ପ୍ରାପ୍ତ ଶୁଭଙ୍କର ମହାପାତ୍ର, ବିଶିଷ୍ଟ ନାଟ୍ୟକାର ଓ କବି ସୁଧାଂଶୁ ଶେଖର ବେହେରାଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। କମାରିଆ ସ୍ଥିତ ଆନନ୍ଦ ପ୍ରସାଦ ସିନ୍ଦୋଳ ପଞ୍ଚାୟତ ସହଯୋଗ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ବୁଢ଼ା ଶଙ୍ଖାରୀ ନାଟକ ଓ ତିହିଡ଼ି ଚନ୍ଦ୍ରଶେଖର ରତ୍ନାକର ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଆଇନା ନାଟକ ଦର୍ଶକମାନଙ୍କ ମଧ୍ୟରେ ବେଶ୍ ପ୍ରଶଂସିତ ହୋଇଥିଲା। ମୟୂରଭଞ୍ଜ ଚିନୁଆପଦା ଛଉନୃତ୍ୟ ପ୍ରତିଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଛଉ ନୃତ୍ୟ ମନମୁଗ୍ଧକର ହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱନାମଧନ୍ୟ ତାରକା ମିହିର ଦାସ ଏଥିରେ ଯୋଗ ଦେଇ ସଂଳାପ ମାଧ୍ୟମରେ ଦର୍ଶକାମାନଙ୍କର ମନୋରଞ୍ଜନ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଡ. ଲକ୍ଷ୍ମୀଧର ତ୍ରିପାଠୀ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସାମାଜିକ କର୍ମୀ ଧୀରେନ୍ଦ୍ର ସାହୁ, ଅମର ଜେନା, ମନୋଜ ସେନାପତି, ନରେନ୍ଦ୍ର ବାରିକ, କୈଳାସ ବେହେରା, ଜ୍ୟୋତିର୍ମୟ ପାଣ୍ଡବ, ମନୋଜ ପାଣିଗ୍ରାହୀ, ରାଜୀବ କୁମାର ନାୟକ, ଅମୂଲ୍ୟ ସେନାପତି, ପ୍ରିୟବ୍ରତ ପାଢ଼ୀ, ଗିରିଜାରମଣ ଜେନା, ପ୍ରଭାତ ଜେନା, ନୀଳମାଧବ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଗାନ୍ଧୀ ଜବାହାରଙ୍କ ଅବିକଳ ବେଶରେ ଦୁଇ ବ୍ୟକ୍ତି।



ମହୋତ୍ସବର ଫାଟକ ପାର୍ଶ୍ୱରେ ଥିବା ଶ୍ରବଣ କୁମାର।

## ଦଲିଲ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ

**ଭଦ୍ରକ ଅଫିସ, ୪।୨:** ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ମୋ ସରକାର ରାଜସ୍ୱ ଓ ପ୍ରଶମନ ବିଭାଗ ଆସନ୍ତା ଫେବୃୟାରୀ ୧୦ ତାରିଖଠାରୁ ପ୍ରଚଳନ ହେବାକୁ ଯାଉଛି। ଉକ୍ତ ନିର୍ଦ୍ଦେଶନାମାକୁ ଆଖିଆଗରେ ରଖି ଜିଲା ନିବନ୍ଧନ କାର୍ଯ୍ୟାଳୟ ଭଦ୍ରକ ଜିଲାର ଉପନିବନ୍ଧକ ସୂର୍ଯ୍ୟନାରାୟଣ ସାମଲ ନିବନ୍ଧନ ଦିନ ଦଲିଲ ପ୍ରଦାନ କାର୍ଯ୍ୟକ୍ରମ ସୋମବାର ଠାରୁ ଆରମ୍ଭ କରିଛନ୍ତି। ନିବନ୍ଧନ କରିଥିବା ଉପସ୍ଥିତ ଲୋକଙ୍କୁ ସେମାନଙ୍କ ଦଲିଲ ପ୍ରଦାନ କରାଯିବ ଓ ଅନ୍ୟ ଦଲିଲଗୁଡ଼ିକୁ ମଙ୍ଗଳବାର ପୋଷ୍ଟାଲ ମାଧ୍ୟମରେ ତାଙ୍କ ବାସସ୍ଥାନକୁ ପଠାଯିବ ବୋଲି ଜଣାପଡ଼ିଛି।

## ଆରମ୍ଭ ହୋଇନି ୭୩ ଗୃହ

**ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟରେ ମନ୍ଥରତା**

ବନ୍ତ,୪।୨(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟରେ ମନ୍ଥରତା ଦେଖାଯାଇଛି। ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ପଞ୍ଚାୟତରେ ମୋଟ ୧୧୯ଟି ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ୧୭ଟି ଗୃହର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ୨୯ଟି ଗୃହର କାର୍ଯ୍ୟ ବର୍ତ୍ତମାନ ଚାଲୁରହିଛି। ସେହିପରି ୭୩ ଜଣ ହିତାଧିକାରୀଙ୍କର ଏବେ ସୁଦ୍ଧା ଘର କାମ ଆରମ୍ଭ ହୋଇ ନ ଥିବା ଜଣାଯାଇଛି। ଏସମସ୍ତ ଗୃହ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଶେଷ ହେବା କଥା। ପୂର୍ବରୁ ଏହି ପଞ୍ଚାୟତ ଦାୟୀତ୍ୱରେ ଥିବା ଅଧିକାରୀଙ୍କୁ ବଦଳି କରାଯାଇ ଗତ କିଛି ଦିନ ତଳେ ଅନ୍ୟ ଜଣେ ଅଧିକାରୀଙ୍କୁ ଉକ୍ତ ପଞ୍ଚାୟତର ଦାୟୀତ୍ୱ ଦିଆଯାଇଛି। ଏସମ୍ପର୍କରେ ନୂତନ ଭାବେ ଦାୟୀତ୍ୱ ନେଇଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଶାକର ଖୁଣ୍ଟିଆଙ୍କୁ ପଚାରିବାରୁ ବାକି ଥିବା କାର୍ଯ୍ୟକୁ ୨ ମାସ ମଧ୍ୟରେ ଶେଷ କରିବା କଷ୍ଟକର ବୋଲି କହିଛନ୍ତି।

## ବ୍ଲକ୍ ଗୋଦାମ ଗୃହରେ ହୋଟେଲ ଖୋଲାଯିବାକୁ ବିରୋଧ

**ବିଡିଓଙ୍କ ଦୃଷ୍ଟି ଆକର୍ଷଣ କଲେ ବ୍ୟବସାୟୀ ସଂଘ ଓ କାଳୀପୂଜା କମିଟି**

ବାସୁଦେବପୁର, ୪।୨(ଡି.ଏନ୍.ଏ.)

ବାସୁଦେବପୁର ବ୍ଲକରୋଡ଼ର କାଳୀମଣ୍ଡପ ପଛପାଖରେ ଥିବା ବ୍ଲକର ଏକ ଗୋଦାମ ଗୃହରେ ଜଣେ ବ୍ୟକ୍ତି ହୋଟେଲ ଖୋଲିବାକୁ ନେଇ ବାସୁଦେବପୁରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବାସୁଦେବପୁର ବଣିକସଂଘ, ବ୍ଲକରୋଡ଼ କାଳୀପୂଜା କମିଟି ଓ ବ୍ୟବସାୟୀମାନେ ବିରୋଧ କରିବା ସହିତ କେଉଁ ପରିସ୍ଥିତିରେ ବ୍ଲକ ଗୋଦାମଗୃହକୁ ହୋଟେଲ କରିବାକୁ ଅନୁମତି ଦିଆଗଲା ଏହାର ତଦନ୍ତ ଦାବି କରିଛନ୍ତି। ବ୍ଲକ କର୍ତ୍ତୃପକ୍ଷ କରିଥିବା ଏହି ବେଆଇନ କାର୍ଯ୍ୟର ପୁନଃ ସମୀକ୍ଷା କରି ଏଠାରେ ହୋଟେଲ ବନ୍ଦ କରି ବ୍ଲକ ଗୋଦାମଗୃହକୁ ସୁରକ୍ଷିତ ରଖିବାକୁ ଦାବି ହୋଇଛି। ଏହି ହୋଟେଲ ଖୋଲା ଯିବାକୁ ବିରୋଧ କରି ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଓ କାଳୀପୂଜା କମିଟିର କର୍ମକର୍ତ୍ତା ବିଡିଓଙ୍କୁ ଭେଟି ହୋଟେଲ ବନ୍ଦ କରିବାକୁ ଦାବି କରିଛନ୍ତି। ବାସୁଦେବପୁରରେ କାଳୀପୂଜା ଐତିହ୍ୟ ସମ୍ପନ୍ନ ହୋଇଥିବା ବେଳେ ଏହି ବ୍ଲକରୋଡ଼ କାଳୀମଣ୍ଡପ(ପୂଜାଗୃହ) ପଛପାଖ କାନ୍ଥକୁ ଲାଗି ବ୍ଲକ ଗୋଦାମଗୃହରେ ଏହି ହୋଟେଲ ଖୋଲିଛି। ଫଳରେ ହୋଟେଲର ମାଛ, ମାଂସ ରନ୍ଧା ହେବା ଦ୍ୱାରା ପୂଜାମଣ୍ଡପର ଐତିହ୍ୟ ନଷ୍ଟ ହେବ ବୋଲି କାଳୀପୂଜା କମିଟି ପକ୍ଷରୁ ବିଡିଓଙ୍କୁ ଅବଗତ କରାଯାଇଛି। ଅତୀତରେ ଏହି ଗୋଦାମଗୃହ କାଠଶିଳ୍ପ ତାଲିମକେନ୍ଦ୍ର ଭାବରେ ବ୍ୟବହୃତ ହେଉଥିଲା ବେଳେ ଗତ କିଛିବର୍ଷ ଧରି ବ୍ଲକର ବିଭିନ୍ନ ସମାଗ୍ରୀ ଏଠାରେ ରହି ଆସୁଥିଲା। ତେବେ କେଉଁ ପରିସ୍ଥିତିରେ ଏହାକୁ ବେସରକାରୀ ହୋଟେଲ ଖୋଲିବାକୁ ଅନୁମତି ମିଳିଲା ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଛି। ବ୍ଲକ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବ୍ୟବସାୟୀ ସଂଘ ଓ କାଳୀପୂଜା କମିଟି ପକ୍ଷରୁ ବିଡିଓଙ୍କୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ବ୍ଲକ ଗୋଦାମଗୃହକୁ ଭଡ଼ା ଦିଆଯିବା ନିଷ୍ପତ୍ତି ପୂର୍ବତନ ବିଡିଓଙ୍କ ସମୟରେ ହୋଇଛି। ଏ ଦିଗରେ ସେ ଅନୁଧ୍ୟାନ କରିବେ ବୋଲି ମତ ଦେଇଛନ୍ତି।

# ଶୁଖିଲା ପଡ଼ିଛି ନଦୀଗର୍ଭ

- ବର୍ଷାଜଳ ବୋହିଗଲା ସମୁଦ୍ରକୁ
- ଚାଷୀକୁଳ ହତାଶ
- ବାଙ୍କସାହି ନିକଟରେ ସ୍ଲୁଇସଗେଟ ପାଇଁ ଦାବି

ଅଜିତ କୁମାର ରାଉତ
ଧାମନଗର, ୪।୨

ଧାମନଗର ବ୍ଲକରେ ନଦୀସଂସ୍କାର ଯୋଜନାରେ ସରକାର କୋଟିକୋଟି ଟଙ୍କା ବ୍ୟୟକରି ପୋତି ହୋଇ ପଡିଥିବା ବିଭିନ୍ନ ନଦୀର ସଂସ୍କାର କାର୍ଯ୍ୟ ହୋଇ ଚାଷୀମାନଙ୍କ ମନରେ ହସ ଫୁଟାଇଥିଲା। ପ୍ରଥମରୁ ଏହାକୁ ଚାଷୀକୂଳ ସ୍ୱାଗତ କରିଥିବାବେଳେ ବର୍ତ୍ତମାନ ବର୍ଷା ଏବଂ ବନ୍ୟା ଜଳ ନଦୀରେ ବୋହିଯାଇ ସମୁଦ୍ରରେ ମିଶିଯାଉଥିବାରୁ ଚାଷୀକୂଳ ଉତ୍କଟ ମରୁଡିର ସମ୍ମୁଖୀନ ହେଉଛନ୍ତି। ଏହା ସହିତ ସରକାରଙ୍କଦ୍ୱାରା କୋଚିଲା ବ୍ୟାରେଜ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାବେଳେ ବ୍ୟାରେଜ ଜଳକୁ ତଳିଆ ଅଞ୍ଚଳରେ ଗଚ୍ଛିତ ପାଇଁ ଚାଷୀମାନଙ୍କ ଦାବି ଜୋରଦାର ହୋଇଛି। ଏହି ବ୍ଲକର ୧୦ଟି ପଞ୍ଚାୟତର ଚାଷୀଙ୍କ ଦ୍ୱାରା କୋଠାର ପଞ୍ଚାୟତ ବାଙ୍କସାହି ନିକଟରେ ରେବ ଏବଂ ବାଲିଚତିରି ନଦୀମୁହାଣରେ ଏକ ଆନିକଟ ପାଇଁ ଦାବି ଯୋର ଧରିଛି।

କୋଚିଲା ବ୍ୟାରେଜ ଜଳ, ଗୌରାଙ୍ଗପୁର ଏସକେପ ଏବଂ ମଲ୍ଲିମାହାରା ବନ୍ୟାଜଳ କେବଳ ଏହି ମୁହଁ ଦେଇ ସମୁଦ୍ର ଆଡକୁ ବୋହି ଯାଉଥିବାବେଳେ ରେବ ନଦୀ, ଜନ୍ତ ମାହାରା, ଫଳପୁର ମାହାରା ଏବଂ ହରିପୁର ଚେକଡ୍ୟାମ ଦେଇ ପ୍ରବାହିତ ଜଳକୁ ଗଚ୍ଛିତ ପାଇଁ ବିଭାଗ ଉଦ୍ୟମ କରିବାକୁ ହେଲେ ବାଙ୍କସାହି ନିକଟରେ ଏକ ସ୍ଲୁଇସଗେଟର ଏକାନ୍ତ ଆବଶ୍ୟକତା ରହିଛି। ଯାହା ଫଳରେ ବର୍ଷାଦିନ ପରେ ଏଠାରେ ଗେଟକୁ ପକାଇ ଜଳ ଗଚ୍ଛିତ ରଖିଲେ ପ୍ରାୟ ୧୦ ଗୋଟି ପଞ୍ଚାୟତରେ ଥିବା ରେବ ନଦୀ ଏବଂ ବାଲିଚିତିରି ନଦୀରେ ପାଣିକୁ ଅଟକ ରଖାଯାଇପାରିବ। ଖରାଦିନେ ଉକ୍ତ ନଦୀର ଦୁଇ ଧାରରେ ଥିବା ଉପର ମୁଣ୍ଡରେ ପ୍ରାୟ ୧୦ କି.ମି. ପର୍ଯ୍ୟନ୍ତ ନଦୀ ଗର୍ଭରେ ବର୍ଷା ଜଳ ଗଚ୍ଛିତ ହେଲେ ନଦୀର ଦୁଇଧାରରେ ହଜାର ହଜାର ହେକ୍ଟର ଚାଷ ଜମିରେ ପର୍ଯ୍ୟାପ୍ତ ପରିମାଣରେ ପନିପରିବା ଚାଷ ହୋଇ ପାରିବ ବୋଲି ଦିନାଜପୁର ଗ୍ରାମର ଚାଷୀ ନିରାକାର ରାଉତ, ଗୋଲକ ରାଉତ ପ୍ରକାଶ କରିଛନ୍ତି। ଉକ୍ତ ମୁହାଣରେ ସ୍ଲୁଇସ ଗେଟ କୋଠାର, ଫତେପୁର, ଅସୁରାଳୀ, କାଶିମପୁର, ଧୂଷୁରୀ, ଭଟ୍ଟସାହି, ନଦୀଗାଁ, ଦଳାଙ୍ଗ, ଅର୍ଜ୍ଜୁନପୁର, ବୟାଙ୍ଗଡିହି, ରାଧାବଲ୍ଲଭପୁର ପଞ୍ଚାୟତର ହଜାର ହଜାର ଏକର ଚାଷ ଜମିକୁ ମରୁଡି ମୁକ୍ତ କରାଇବ ବୋଲି ପୂର୍ବତନ କୋଠାର ସମିତିସଭ୍ୟ ମନୋରଞ୍ଜନ ମଣ୍ଡଳ ପ୍ରକାଶ କରିଛନ୍ତି। ସ୍ଲୁଇସଗେଟ କରାଗଲେ ପାଣି ଅଟକ ପାଇଁ ଘେରିବନ୍ଧର ଆଉ ଆବଶ୍ୟକତା ନାହିଁ ବୋଲି ସାମାଜିକ କର୍ମୀ ନୃସିଂହ ତରାଇ ପ୍ରକାଶ କରିଛନ୍ତି। ଏଠାରେ ଗଚ୍ଛିତ ଜଳ ତଳ ମୁଣ୍ଡକୁ ମଧ ପାଣି ମଡାଯାଇ ପାରିବ। କାରଣ ପୂର୍ବରୁ ନାଉଗଡିଆ ପୋଲ, ବାଙ୍କସାହି ଠାକୁରାଣୀ ନିକଟ କଲଭର୍ଟ, ବାଙ୍କସାହି ସ୍କୁଲ ନିକଟରେ ଥିବା କଲଭର୍ଟ ଦେଇ ପୂର୍ବଦିଗକୁ ଗଚ୍ଛିତ ଜଳକୁ ଚାଷୀମାନେ ବ୍ୟବହାର କରିପାରିବେ ବୋଲି ଚାଷୀ ପତ୍ରୀସାହିର ସୁରେନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ବନ୍ୟା ଜଳ ନିଷ୍କାସିତ ପାଇଁ ମୁଖ୍ୟ ସ୍ଥାନ ବାଙ୍କସାହି ପୋଲ ନିକଟରେ ଉଚ୍ଚସ୍ଥାନ ଯୋଗୁ ବନ୍ୟାଜଳକୁ ଗଚ୍ଛିତ ରଖାଗଲେ ଏହି ନଦୀ ଜଳ ବାଲିଚତିରି ନଦୀ ଦେଇ ହରିପୁର ଚେକଡ୍ୟାମ ପର୍ଯ୍ୟନ୍ତ ଗଚ୍ଛିତ ରହିବା ସହିତ ସେପଟେ ରେବନଦୀରେ ଜଳ ଅସୁରାଳୀ ପର୍ଯ୍ୟନ୍ତ ଚାଷୀମାନେ ବ୍ୟବହାର କରିପାରିବେ ବୋଲି ବାହାରବିଲର ପୂର୍ବତନ ସେନା କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ଚାଷୀମାନଙ୍କର ଉକ୍ତ ଦାବି ଯଥାର୍ଥ ସହିତ ପ୍ରଶାସନିକ ଏବଂ ରାଜନୈତିକ ଦୃଷ୍ଟି ଆକର୍ଷଣ ନେଇ କୋଠାର ସରପଞ୍ଚ ଡା. ନିମାଇଁ ନାୟକ ସୂଚନା ଦେଇଛନ୍ତି।



ବାଙ୍କ ସାହି ମୁହାଣ।

## ସଂକ୍ଷେପରେ

### ଦନ୍ତା ଆକ୍ରମଣରେ ଦୁଇ ଆହତ

ବଡ଼ସାହି,୪।୨(ସ୍ୱ.ପ୍ର)- ବଡ଼ସାହି ଥାନା ଅଧୀନ ଦେଉଳିଆ ପଞ୍ଚାୟତ ଗଦଗଦି ଗ୍ରାମର ଦୁଇ ମହିଳା ଦନ୍ତା ଆକ୍ରମଣରେ ଆହତ ହୋଇଛନ୍ତି । ମହିଳା ଦ୍ୱୟ ହେଲେ ସେହି ଗ୍ରାମର ଲକ୍ଷ୍ମୀ ଟୁଡୁ ଓ କାପୁରା ହେମ୍ବ୍ରମ । ବନବିଭାଗ ପକ୍ଷରୁ ଆହତମାନଙ୍କୁ ବାରିପଦା ପିଆର୍‌ଏମ ମେଡିକାଲରେ ଭର୍ତ୍ତି କକରାଯାଇଛି । ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଧାନ ଖାଇବାକୁ ଖଳା ମଧକୁ ପଶିଆସିଥିଲା । ବାରଣ୍ଡାରେ ଶୋଇଥିବା ମହିଳାମାନେ ହାତୀର ଶବ୍ଦ ଶୁଣି ଜୀବନ ବଞ୍ଚାଇବାକୁ ଦୌଡିଥିଲେ । ମାତ୍ର ଦନ୍ତାଟି ସେମାନଙ୍କୁ ଗୋଡାଇବା ସହ ଶୁଣ୍ଢରେ ଆକ୍ରମଣ କରିଥିଲା । ଫଳରେ ଦୁହେଁ ଗୁରୁତର ଆହତ ହୋଇଥିଲେ। ଖବରପାଇ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ତେବେ ଦୀର୍ଘ ଦିନ ଧରି ଦନ୍ତାଟି ଗାଁ ଗଣ୍ଡାରେ ପଶି ଉତ୍ପାତ ଚଳାଇ ଆସୁଥିବା ବେଳେ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଫଳରେ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଖୁବଶୀଘ୍ର ଦନ୍ତାର ଗତିବିଧିକୁ ଲକ୍ଷ୍ୟ କରି ଶିମିଳିପାଳ ଜଙ୍ଗଲରେ ଛାଡିବାକୁ ଜନସାଧାରଣ ଦାବି କରିଛନ୍ତି ।

### ବିଦ୍ୟୁତ୍ ଖୁଣ୍ଟ, ଗଛ ନ ଉଠିବାରୁ ଧାରଣା

ବେତନଟୀ, ୪।୨(ଡି.ଏନ୍.ଏ.)- ବେତନଟୀ ବଜାରରେ ନୂତନ ରାସ୍ତା ନିର୍ମାଣ ଚାଲିଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ଓ ଗଛ ନ ଉଠିବାରୁ ବେତନଟୀ ସିଭିଲ୍ ସୋସାଇଟି ସଂଗଠନ ପକ୍ଷରୁ ବଙ୍ଗଳାଛକ ନିକଟ ପୂର୍ତ୍ତ ବିଭାଗ ଫାଟକ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଖବରପାଇ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ସିଭିଲ୍ ସୋସାଇଟିର ମୁଖ୍ୟ କର୍ମକର୍ତ୍ତା ସଚ୍ଚିଦାନନ୍ଦ ମହାନ୍ତିଙ୍କୁ ପଚାରିବାରୁ ଗଛ କାଟିବା ବିଳମ୍ବ ହେଉଥିବାରୁ ବିଭାଗୀୟ ଜେ.ଇ. ସ୍ୱତନ୍ତ୍ର ଭାବେ ଗଛ କାଟିବା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅବଗତ କରାଇ ଯଥା ଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିବା କହିଛନ୍ତି।

### ଜୁନିୟର ରେଡକ୍ରସ ଶିକ୍ଷା, ପ୍ରଶିକ୍ଷଣ ତାଲିମ ଶିବିର

ଠାକୁରମୁଣ୍ଡା,୪।୨(ଡ଼ି.ଏନ୍.ଏ.)-ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ଉଚ୍ଚ ବିଦ୍ୟାଳୟ ପରିସରରେ ୩ଦିନ ଧରି ଚାଲିଥିବା ୩୬ ତମ ଜିଲା ସ୍ତରୀୟ ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇ ଯାଇଛି। କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବ୍ଲକ ଶିକ୍ଷାଅଧିକାରୀ ମନୋରଞ୍ଜନ ବାରିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ଏମପି ଇଂ. ବିଶେଶ୍ୱର ଟୁଡୁ, ମୁଖ୍ୟବକ୍ତା କରଞ୍ଜିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀହରି ମଣ୍ଡଳ, ସମ୍ମାନନୀୟ ଅତିଥି ଭାବରେ ଠାକୁରମୁଣ୍ଡା ଓ ପୋଡ଼ିଆବେଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ, ହରେକୃଷ୍ଣ ମହାନ୍ତ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ କରୁଣାକର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଉମାକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ ଏବଂ ନିରୋଦ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ସମ୍ପର୍କରେ ରେଡକ୍ରସ ଜିଲା ସମ୍ପାଦକ ଭାଗୀରଥି ମଲ୍ଲିକ ବିବରଣୀ ପାଠ କରିଥିଲେ। ଜୁନିୟର ରେଡ଼କ୍ରସ ରାଜ୍ୟ ସାଧନ କର୍ମୀ ପ୍ରବୋଧ କୁମାର ରାଉତ, ଠାକୁରମୁଣ୍ଡା ବିଇଓ ମନୋରଞ୍ଜନ ବାରିକ, ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ମହାନ୍ତ, ରେଡ଼କ୍ରସ କାଉନସେଲର ରତିକାନ୍ତ ବୈଦ୍ୟ, ପ୍ରାଥମିକ ଚିକିତ୍ସା ରାଜ୍ୟ ପ୍ରଶିକ୍ଷକ ସତ୍ୟନାରାୟଣ ଦାସଙ୍କୁ ମାନପତ୍ର ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ଭାଜପାର ବୈଠକ

କୁଆମରା,୪।୨(ଡ଼ି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ୧୫ ନମ୍ବର ଜୋନର ପୁରୁଣା ବାରିପଦାଠାରେ ଭାଜପା ପକ୍ଷରୁ ନାଗରିକତା ସଂଶୋଧନ ଆଇନ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରବକ୍ତା ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦୀ, ଜିଲା ପରିଷଦ ସଦସ୍ୟ ନରେନ୍ଦ୍ର ପାତ୍ର, ଉଦଳା ଏନଏସିର ପୂର୍ବତନ ନଗରପାଳ ସୌଭାଗ୍ୟ କୁମାର ସାହୁ, ପ୍ରଭାରୀ ଆଦର୍ଶ ଜେନା, ଏସଟି ମୋର୍ଚ୍ଚା ଜିଲା ଉପସଭାପତି କ୍ଷେତ୍ରମୋହନ ସିଂ ପ୍ରମୁଖ ଯୋଗଦେଇ ନାଗରିକତା ସଂଶୋଧନ ଆଇନ ଉପରେ ବକ୍ତବ୍ୟ ରଖିଥିଲେ। ସୁଶୀଲ କୁମାର ବାରିକ ଅତିଥି ପରିଚୟ ଓ ଗିରୀଜା ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶକ୍ତିପଦ ଲେଙ୍କା, ସାରଥୀ ଖମାରୀ, ସଞ୍ଜୟ ଦିବେଦୀ ପ୍ରମୁଖ କାର୍ଯକ୍ରମ ପରିଚାଳନା କରିଥିଲେ।

# ୮୦ ବର୍ଷୀୟା ମହିଳାଙ୍କୁ ମିଳୁନି ଭତ୍ତା

ବଡ଼ସାହି,୪।୨(ସ୍ୱ.ପ୍ର)

୩୦ ବର୍ଷ ତଳେ ସ୍ୱାମୀ ଆର ପାରିକୁ ଚାଲି ଗଲେଣି । ବୟସ ୮୦ ଛୁଇଁଲାଣି । ଅଣ୍ଟାରେ ବଳ ନ ଥିବା ବେଳେ ଚାଲିବାକୁ ଅକ୍ଷମ । ଏପରି ସ୍ଥଳେ ଆତ୍ମୀୟ ମୁହଁ ଫେରାଇ ନେଇ ଥିବାରୁ କେବଳ ନାତି ଆଶ୍ରାରେ ଦିନ ବିତୁଛି । ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଦରଖାସ୍ତ ଦେବା ପରେ ମଧ ଅଦ୍ୟାବଧି ସରକାରୀ ଭତ୍ତା ଖଣ୍ଡିକ ତାଙ୍କ ପାଇଁ ସାତ ସପନ ପାଲଟିଛି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ କେନ୍ଦୁଆସାହି ଗ୍ରାମରେ ଥିବା ଗୁରୁବାରୀ ସିଂଙ୍କ ଠାରେ । ବର୍ଷ ବର୍ଷ ବିତି ଯାଇଥିଲେ ମଧ ସରକାରୀସ୍ତରରେ କୌଣସି ସୁବିଧା ଯୋଗାଇ ଦିଆଯାଇ ନାହିଁ । ନା ଅଛି ବିପିଏଲ କାର୍ଡ ନା ମିଳିଛି ପକ୍କା ଘର । ନାତିର ହାତ ଟେକାକୁ ଚାହିଁ



ନାତି ଘରେ ଆଶ୍ରୟ ନେଇଥିବା ବୃଦ୍ଧା ଗୁରୁବାରୀ ସିଂ ।

ବସି ରହିଛନ୍ତି ବୃଦ୍ଧା ଜଣକ। ବାର୍ଦ୍ଧକ୍ୟ ଅବସ୍ଥାରେ ୩ ପୁଅଙ୍କ ଆର୍ଥିକ ସ୍ଥିତି ସଚ୍ଛଳ ନ ଥିବାରୁ ଭାଗ୍ୟକୁ ଆଦରି ନାତି ପାଖରେ ପଡିରହିଛନ୍ତି ସେ। ତେବେ ସରକାରୀସ୍ତରରେ ଦିଆଯାଉଥିବା ବାର୍ଦ୍ଧକ୍ୟ କିମ୍ବା ବିଧବା ଭତ୍ତା ଖଣ୍ଡିକ ତାଙ୍କ ଠାରୁ ଦୂରେଇ ଯାଇଛି ବୋଲି କୋହଭରା କଣ୍ଠରେ ସେ ପ୍ରକାଶ କରିଛନ୍ତି । ପୂର୍ବରୁ ଭତ୍ତା କରାଇଦେବାକୁ ତାଙ୍କୁ ଲାଞ୍ଚ ମଗା ଯାଇଥିଲା। କିନ୍ତୁ ସେ ଅକ୍ଷମତା ପ୍ରକାଶ କରିବାର ଆଜି ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ମିଳି ପାରି ନାହିଁ। ଏନେଇ ସେ ବ୍ଲକରେ ଚାଲିଥିବା ଜିଲାପାଳଙ୍କ ଜନଶୁଣାଣି ଶିବରରେ ମଧ ଆବେଦନ କରିଥିଲେ । ମାତ୍ର ବ୍ଲକଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଗୁରୁବାରୀର କରୁଣ ଦୁଃଖକୁ କେହି କର୍ଣ୍ଣପାତ କରି ନ ଥିଲେ । ଖୁବ୍ ଶୀଘ୍ର ବୃଦ୍ଧାଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ସରପଞ୍ଚ ସୁପ୍ରଭା ସିଂଙ୍କୁ ପଚାରିବାରୁ ମୁଁ ସରପଞ୍ଚ ହେବା ପରେ ଏପରି ଅଭିଯୋଗ ଆସିନାହିଁ । ତେବେ ବୃଦ୍ଧାଙ୍କ ଘରକୁ ଯାଇ ସମସ୍ୟାର ସମାଧାନ କରିବା ସହ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ସେ କହିଛନ୍ତି ।

# ଜିଲାସ୍ତରୀୟ ପଲିଫେଷ୍ଟ ଉଦ୍‌ଯାପିତ




ଅତିଥିଙ୍କ ଗ୍ରହଣରେ କୃତୀ ଛାତ୍ରମାନେ ।

ବାରିପଦା ଅଫିସ, ୪।୨

ଲକ୍ଷ୍ମୀପୋଷିସ୍ଥିତ ମୟୂରଭଞ୍ଜ ସ୍କୁଲ ଅଫ ଇଞ୍ଜିନିୟରିଂ ଓ ରାଜ୍ୟ ବୈଷୟିକ ଶିକ୍ଷା ଏବଂ ତାଲିମ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ଜୋନ୍-୨ ପଲିଫେଷ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଡ଼ୋଶୀ ୫ଟି ଜିଲାର ୧୯ଟି ଶିକ୍ଷାନୁଷ୍ଠାନରୁ ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମାରୋହରେ ସରକାରୀ ପଲିଟେକନିକ୍ ମୟୂରଭଞ୍ଜର ଅଧକ୍ଷ ଚିନ୍ମୟ ପ୍ରସାଦ ମହାପାତ୍ର, ଏମଏସ୍‌ଇର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ବିପ୍ଳବ ଭଞ୍ଜନ ବୁଗୁଡ଼େଇ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପଲିଫେଷ୍ଟ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏକ ସଫଳ ପ୍ଲାଟଫର୍ମ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ସରକାରୀ ପଲିଟେକନିକ୍ ଭଦ୍ରକ, ଚିତ୍ରାଙ୍କନରେ ଭଦ୍ରକ, ଶାସ୍ତ୍ରୀୟ ସଙ୍ଗୀତରେ ରମାରାଣୀ ଇନଷ୍ଟିଚ୍ୟୁଟ, ପ୍ରବନ୍ଧରେ ସରକାରୀ ପଲିଟେକନିକ୍ ମୟୂରଭଞ୍ଜ, ତର୍କରେ ବାଲେଶ୍ୱର ସ୍କୁଲ ଅଫ ଇଞ୍ଜିନିୟରିଂ, ଡ୍ରାମାରେ ସରକାରୀ ପଲିଟେକନିକ୍ ଯାଜପୁର, ଏକକ ନୃତ୍ୟରେ ସରକାରୀ ପଲିଟେକନିକ୍‌ର ଛାତ୍ରୀଛାତ୍ରମାନେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ସହିତ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ।

# ଯକ୍ଷ୍ମାରୋଗ ଚିହ୍ନଟ, ନିରାକରଣ ପ୍ରଶିକ୍ଷଣ ଶିବିର

ଝାରପୋଖରିଆ,୪।୨(ଡି.ଏନ୍.ଏ.):

ସାରସକଣା ବ୍ଲକ ଅଧୀନ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡା.ଆଶିଷ ନୀଳମାଧବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ବ୍ଲକସ୍ତରୀୟ ୨ୟ ପର୍ଯ୍ୟାୟ ଯକ୍ଷ୍ମାରୋଗ ଚିହ୍ନଟ ଓ ନିରାକରଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ଚନ୍ଦ୍ରକଳା ସ୍ୱାଇଁ ଯୋଗଦେଇ ଯକ୍ଷ୍ମାରୋଗ ଉପରେ ଉପସ୍ଥିତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀଙ୍କୁ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରେବତୀ ଗିରିଙ୍କ ସଭାପତିତ୍ୱରେ ପରିଚାଳିତ ପ୍ରଶିକ୍ଷଣ ଶିବିରରେ ବ୍ଲକ ଡାଟା ମ୍ୟାନେଜର ତୁଳସୀ ଖଣ୍ଡେଲୱାଲ, ଆୟୁଷ ଡାକ୍ତର ସୁଜାତା ପ୍ରିୟଦର୍ଶିନୀ ବେହେରା, ଏସ୍‌ଟିଏସ୍ ସୌରଭ ଚକ୍ର, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସଚିନ ବାରିକ, ଗଣମାଧ୍ୟମ ପ୍ରତିନିଧି ସୁଧୀର କୁମାର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଯକ୍ଷ୍ମା ରୋଗର ନିରାକରଣ, ଲକ୍ଷଣ, ଚିକିତ୍ସା ପ୍ରଣାଳୀ ଉପରେ ଶିବିରାର୍ଥୀଙ୍କୁ ଟିପ୍ସ ପ୍ରଦାନ କରିଥିଲେ। ଶିବିରାର୍ଥୀଙ୍କ ମଧ୍ୟରେ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ୬ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୧୫ଟି ଗ୍ରାମର ଆଶାକର୍ମୀ, ସ୍ୱେଚ୍ଛାସେବୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଆସନ୍ତା ୫ ଓ ୬ ତାରିଖ ଦୁଇଦିନ ଧରି ପ୍ରତ୍ୟେକ ଶିବିରାର୍ଥୀ ଗ୍ରାମର ଘର ଘର ବୁଲି ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଚିକିତ୍ସାରେ ସହଯୋଗ କରି ଅଞ୍ଚଳରେ ଯକ୍ଷ୍ମାରୋଗ ନିର୍ମୂଳ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଶେଷରେ ବିଏଏମ୍ ବସନ୍ତ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

## ଫଟୋରେ ଖବର



ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଏକ ସରକାରୀ ବିଦ୍ୟାଳୟର ଛାତ୍ରୀମାନେ ସ୍କୁଲକୁ ନ ଯାଇ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ଘରକୁ ଫେରୁଛନ୍ତି।

# ମୟୂରଭଞ୍ଜ ଅମଲା ସଂଘର ବନ୍ଧୁମିଳନ

ବାରିପଦା ଅଫିସ, ୪।୨

ଓଡ଼ିଶା ଅମଲା ସଂଘ ମୟୂରଭଞ୍ଜ ଜିଲା ଶାଖାର ବାର୍ଷିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଦେଉଳି ସଂଲଗ୍ନ ଜମ୍ବୀରା ଡ୍ୟାମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମଗ୍ରିକ ବିକାଶରେ ଅମଲାମାନେ ବ୍ରତୀ ହେବା ପାଇଁ ମତପୋଷଣ କରିଥିଲେ। ସଞ୍ଜିତ କୁମାର ଗିରି, ବୈଦ୍ୟନାଥ ମିଶ୍ର ସଂଘ ଦ୍ୱାରା ବିଗତ ବର୍ଷରେ ସାମୂହିକ ସମସ୍ୟାଗୁଡ଼ିକ କିଭଳି ଢଙ୍ଗରେ ଉପସ୍ଥାପନା କରାଯାଇ ତାହାର ସମାଧାନ ହୋଇଥିଲା ସେ ନେଇ ମତ ରଖିଥିଲେ। ସରକାରଙ୍କ ଦ୍ୱାରା ପଦୋନ୍ନତି ଜନିତ ଅଚଳାବସ୍ଥାର ଅପସାରଣ ଓ ସମୟସୀମା ମଧ୍ୟରେ ପଦୋନ୍ନତି ପ୍ରଦାନ ନୀତି ଉପରେ ଆଲୋଚନା ହୋଇଥିଲା। ଧୀରେନ୍ଦ୍ର କୁମାର ଟୁଡୁ ଚଳିତ ମାସର ତୃତୀୟ ସପ୍ତାହରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ସଂଘର ୭୫ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ବାର୍ଷିକ ପାଳନ ତଥା ନୂତନ କର୍ମକର୍ତ୍ତା ନିର୍ବାଚନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷେତ୍ରମୋହନ ବେହେରା, କଅଁର ଟୁଡୁ, ଅଲେଖ ଚନ୍ଦ୍ର ପାତ୍ର, ଲକ୍ଷ୍ମୀଧର ସାହୁ, ଶିବ କୁମାର ବେହେରା, ମଧୁସୂଦନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅମଲାମାନେ।

# ଏବିଭିପିର ନୂଆ କାର୍ଯ୍ୟକର୍ତ୍ତା

ବାରିପଦା ଅଫିସ, ୪।୨

କଟକଠାରେ ଅନୁଷ୍ଠିତ ହୋଇଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓଡ଼ିଶାର ୪୪ତମ ରାଜ୍ୟ ଅଧିବେଶନ ଅବସରରେ ୨୦୨୦-୨୧ ଶିକ୍ଷା ବର୍ଷ ପାଇଁ ନୂତନ କାର୍ଯ୍ୟକାରିଣୀ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ସଂଗଠନ ସମ୍ପାଦକ ତନ୍ମୟ ପ୍ରିୟଦର୍ଶୀ ପ୍ରଧାନଙ୍କୁ ରାଜ୍ୟ ଜନଜାତି ପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ବାରିପଦା ନଗର ସହସମ୍ପାଦକ ଗୋପୀନାଥ ଟୁଡୁଙ୍କୁ ଜନଜାତି ସହ ପ୍ରମୁଖ ଦାୟିତ୍ୱ ଦିଆଯାଇଛି। ସେହିଭଳି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଭାବେ ବାରିପଦା ବ୍ଲକ ସଂଯୋଜକ ମହେନ୍ଦ୍ର ପ୍ରତାପ ଦାସ ଏବଂ ଚାନ୍ଦିନୀ ପରୱିନଙ୍କୁ ମନୋନୀତ କରାଯାଇଛି। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କାର୍ଯ୍ୟକର୍ତ୍ତାମାନଙ୍କୁ ମୟୂରଭଞ୍ଜ ପୂର୍ବ ଜିଲା ସଂଯୋଜକ ସାଇରଞ୍ଜନ ଲେଙ୍କା, ବାରିପଦା ନଗର ସମ୍ପାଦକ କ୍ଷୀରୋଦ ପଣ୍ଡା, ସଂଗଠନ ସମ୍ପାଦକ ବିଭୂତି ଭୂଷଣ ଘଡ଼ାଇ ପାତ୍ର, ଜିଲା ଏସ୍‌ଏଫଡି ପ୍ରମୁଖ ଅଂଶୁମାନ ମହାରଣା, ଜିଲା ସହ ସଂଯୋଜିକା ଧରିତ୍ରୀ ବେହେରା, ପୂର୍ବତନ ରାଜ୍ୟ ସଭାପତି ସ୍ୱରୂପ ପଟ୍ଟନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ଦିନରେ ସାଂଗଠନିକ କାର୍ଯ୍ୟକ୍ରମ ଅଭିବୃଦ୍ଧି ଆଶା ରଖିଛନ୍ତି।

# ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ କୃଷକମେଳା

ବାରିପଦା ଅଫିସ, ୪।୨

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ପଶୁଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଏବଂ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧ର ମିଳିତ ଆନୁକୂଲ୍ୟରେ ଉନ୍ନତି କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ବନ୍ଧୀୟ ଏକ କୃଷକ ମେଳା ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କୁଣ୍ଡଳବଣି ଗ୍ରାମଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିକଶିତ ବିଭିନ୍ନ ଉନ୍ନତ ବଳଦଟଣା କୃଷି ଯନ୍ତ୍ରପାତିର ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମୀ କେଶରୀ ସ୍ୱାଇଁ ନିଜ ବକ୍ତବ୍ୟରେ ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ସେମାନଙ୍କର ଚାଷକାମ ସ୍ୱଳ୍ପ ସମୟରେ, କମ୍ ପରିଶ୍ରମ ଓ ଅଳ୍ପ ସମୟରେ କରିପାରିବେ ବୋଲି କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକ କୃଷି କ୍ଷେତ୍ରରେ ଯାନ୍ତ୍ରିକରଣର ଭୂମିକାକୁ ପ୍ରାଧାନ୍ୟ ଦେଲେ ଚାଷୀମାନେ ଅଧିକ ଲାଭ ପାଇବା ସହ ପ୍ରଚୁର ଉତ୍ପାଦନ କରିପାରିବେ ବୋଲି କହିଥିଲେ। ଜିଲା କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଚାଷୀମାନେ ଉନ୍ନତ କୃଷି ଯନ୍ତ୍ରପାତି କ୍ରୟ କରିବା ଲାଗି ଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ଆଲୋକପାତ କରାଇଥିଲେ। ସହକାରୀ ଅଧିକ୍ଷଣ ଯନ୍ତ୍ରୀ ଇଂ. ରଶ୍ମୀରଞ୍ଜନ ସେନାପତି, ସହକାରୀ ଯନ୍ତ୍ରୀ ଇଂ. ସୁନ୍ଦର ମୋହନ ସିଂ ଜିଲାରେ ବିଭିନ୍ନ କୃଷି ଯନ୍ତ୍ରପାତିର ଚାହିଦା ତଥା ବିକ୍ରୟ ସମ୍ବନ୍ଧରେ ଚାଷୀମାନଙ୍କୁ ବୁଝାଇଥିଲେ। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ଅତ୍ୟାଧୁନିକ କୃଷିଯନ୍ତ୍ରପାତିର ତାଲିମ ଓ ଭିତ୍ତିଭୂମିର ବିକାଶ ଓ ସଶକ୍ତୀକରଣ ଶୀର୍ଷକ ପ୍ରକଳ୍ପ ତରଫରୁ ଟ୍ରାକ୍ଟର ଚାଳିତ ମଞ୍ଜି ଓ ସାର ବୁଣାଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା। ସେହିଭଳି ବଳଦଟଣା ପାଞ୍ଚଧାଡ଼ିଆ ମଞ୍ଜିବୁଣା ଯନ୍ତ୍ର ସାହାଯ୍ୟରେ ଧାଡ଼ିରେ ମଞ୍ଜିବୁଣା କାମର କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରୁ ଚାଷୀମାନେ ଯୋଗ ଦେଇ ଏହି କ୍ଷେତ୍ରପ୍ରଦର୍ଶନର ଲାଭ ଉଠାଇଥିଲେ।



ଚାଷୀମାନେ ଏକ ମେଶିନ୍‌ର କାର୍ଯକାରିତା ଦେଖୁଛନ୍ତି।

# ପର୍ଯ୍ୟଟନସ୍ଥଳୀର ବିକାଶ ଲାଗି ଦାବିପତ୍ର

ଉଦଳା,୪।୨(ଡ଼ି.ଏନ୍.ଏ.)-

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡରେ ଥିବା ପର୍ଯ୍ୟଟନସ୍ଥଳୀ ଦେବକୁଣ୍ଡ, ସମୀବୃକ୍ଷ, ଲୁଇପା ଗୁମ୍ଫା, ମାଛକାନ୍ଦଣା ଜଳପ୍ରପାତ, ଟାଙ୍ଗିରିଆ ସମେତ କପ୍ତିପଦା ବ୍ଲକ ଅଧୀନରେ ଥିବା କାଳ ଏବଂ ସୁନେଇ ମଧ୍ୟମ ଜଳସେଚନ ପ୍ରକଳ୍ପ ବିକାଶ ହେଲେ ଅଞ୍ଚଳବାସୀଙ୍କର ବିକାଶ ହୋଇପାରିବ। ଏହି ମର୍ମରେ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଉଦଳା ଉପଜିଲାପାଳଙ୍କ ଜରିଆରେ ସୋମବାର ପ୍ରଦାନ କରାଯାଇଛି । ଦାବିଗୁଡିକ ମଧ୍ୟରେ ପର୍ଯ୍ୟଟନସ୍ଥଳୀକୁ ଯାତାୟତ ନିମନ୍ତେ ରାସ୍ତା ନିର୍ମାଣ, ପର୍ଯ୍ୟଟନସ୍ଥଳୀ ଗୁଡିକରେ ପର୍ଯ୍ୟଟକଙ୍କ ରାତ୍ରୀ ଯାପନ ନିମନ୍ତେ ରହିବା ବ୍ୟବସ୍ଥାର ଆବଶ୍ୟକତା ଜରୁରୀ ବୋଲି ଜିଲା ମୁକ୍ତି ମୋର୍ଚ୍ଚା ସଙ୍ଗଠନ ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିବା ସଙ୍ଗଠନର ଉପଖଣ୍ଡ ସଭାପତି ବୁଧୁରାଏ ମୁର୍ମୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ସଂଗଠନର ଇଶ୍ୱର ମାରାଣ୍ଡି, ପବନ ଚନ୍ଦ୍ର ହାଁସଦା, ରାଜେନ୍ଦ୍ର ହାଁସଦା, ରାମଚନ୍ଦ୍ର ସିଂହ ପ୍ରମୁଖ ଏକତ୍ରିତ ହୋଇ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ଗୌରହରି ମହାନ୍ତଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି । ଆଗାମୀ ଦିନରେ ଉପଖଣ୍ଡରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡିକର ବିକାଶ ନ ହେଲେ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି ।

# ଓଏଫ୍‌ଡିପିର ବାର୍ଷିକ ସମୀକ୍ଷା ବୈଠକ

ବାରିପଦା ଅଫିସ, ୪।୨

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (ଓଏଫଡିପି)ର ଦ୍ୱିତୀୟ ପର୍ଯ୍ୟାୟ ବାର୍ଷିକ ସମୀକ୍ଷା ୨୦୧୯-୨୦ ବୈଠକ ମଙ୍ଗଳବାର ବାରିପଦା ଡିଏଫଓଙ୍କ ସକଳ୍ପ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଡିଏଫଓ ସ୍ୱଂୟମ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସୁଜତା ମୁର୍ମୁ ଯୋଗ ଦେଇ ବନାୟନର ସମୀକ୍ଷା କରିଥିଲେ। ଡିଏଫଓ ମଲ୍ଲିକ କିପରି ଜଙ୍ଗଲ ସୁରକ୍ଷା ସହ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି ସେ ବିଷୟରେ ସୂଚନା ଦେଇଥିଲେ। ଉକ୍ତ ପ୍ରକଳ୍ପ ଜରିଆରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ହେବା ସହିତ ବନ ସୁରକ୍ଷା ସମିତି କିପରି ଲୋକମାନଙ୍କର ଜୀବନ ଜୀବିକାରେ ଉନ୍ନତି ଆଣିପାରିଛି ସେ ନେଇ ତଥ୍ୟ ରଖିଥିଲେ। ୨୦୧୭ଠାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଖଣ୍ଡୀୟ ପରିଚାଳନା ଏକକ ଅଧିନସ୍ଥ ଡୁକୁରା, କପ୍ତିପଦା, ବାଙ୍ଗିରିପୋଷି, ପିଠାବଟା, ଉଦଳା, ବେତନଟୀ କ୍ଷେତ୍ରୀୟ ପରିଚାଳନା ଏକକରେ କରାଯାଉଛି। ଗତବର୍ଷ କପ୍ତିପଦା, ଡୁକୁରା କ୍ଷେତ୍ରୀୟ ପରିଚାଳନା ଏକକରେ ୩ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟରେ ତିନିଶ ୫୫ ହେକ୍ଟର ଜମିରେ ୯୭ ହଜାର ଚାରାରୋପଣ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ସେହିଭଳି ୫୭ ହେକ୍ଟର ଜମିରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା। ୪୬ଟି ବନ ସୁରକ୍ଷା ସମିତି ଗୃହ ମଧ୍ୟରୁ ୪୫ଟି ସମ୍ପୂର୍ଣ୍ଣ ହୋଇଥିବା ନେଇ ଡିଏଫଓ ମଲ୍ଲିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଏସଟିଆରର ଉପନିର୍ଦ୍ଦେଶକ ଯଜ୍ଞଦତ୍ତ ପତି, ବାରିପଦା ଏସିଏଫ ମଗର ଧନାଜି ରାଓସୋ ଯୋଗ ଦେଇଥିଲେ। ବାରିପଦା ରେଞ୍ଜର ରବିନାରାୟଣ ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଷୟବସ୍ତୁ ବିଶେଷଜ୍ଞ ଅଜିତ କୁମାର ସାହୁ ତଥ୍ୟ ଉପସ୍ଥାପନ କରିଥିଲେ।

# କୁଡୁମୀ ମହାନ୍ତ ମହାସଭାର ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ

ବାରିପଦା ଅଫିସ, ୪।୨

ବାରିପଦା ସହରସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ଭବନରେ କୁଡୁମୀ ମହାନ୍ତ ମହାସଭାର ଏକ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ପ୍ରାଧାପକ ଗୋପବନ୍ଧୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନର ମହାସଚିବ ଆଇନଜୀବୀ ବସନ୍ତ କୁମାର ମହାନ୍ତ ଯୋଗ ଦେଇ ନିଜ ବକ୍ତବ୍ୟରେ ବିକାଶର ଦୌଡ଼ରେ ଏହି ଜାତି ବହୁ ପଛରେ ପଡ଼ିଯାଇଥିବା କହିଥିଲେ। ଏହି ଜାତିର ସାମଗ୍ରିକ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନାର ଆବଶ୍ୟକତାର ରହିଛି ବୋଲି ସେ ପ୍ରକାଶ କରିଥିଲେ।

### ବିକାଶ ଉପରେ ଗୁରୁତ୍ୱ

୨୦୨୧ ମସିହାରେ ହେବାକୁ ଥିବା ଜନଗଣନାକୁ ନେଇ ବ୍ୟାପକ ଆଲୋଚନା ହୋଇଥିଲା। ଏଥିରେ ନିଜ ଭାଷା, ସଂସ୍କୃତି ଓ ସ୍ୱତନ୍ତ୍ର ଧାର୍ମିକ ବିଶ୍ୱାସର ପରିସଂଖ୍ୟାନ କିପରି ହୋଇପାରିବ ସେଥିପାଇଁ ମଧ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହା ସହିତ ଜାତିଭିତ୍ତିକ ଜନଗଣନା କରିବାକୁ ମଧ ବୈଠକରେ ଦାବି କରାଯାଇଥିଲା। ୨୦୧୧ ମସିହାରେ ଯେଉଁ ଜାତିଭିତ୍ତିକ ଜନଗଣନା ହୋଇଥିଲା ତାହାର ସଂଖ୍ୟାଗତ ରିପୋର୍ଟକୁ ସାର୍ବଜନୀନ କରିବା ପାଇଁ ମଧ ବୈଠକରେ ଆଲୋଚନା ହୋଇଥିଲା। ଝୁମରର ସୁରକ୍ଷା ଓ ବିକାଶ ପାଇଁ ଏକ ଝୁମୁର ଏକାଡେମୀର ପ୍ରତିଷ୍ଠା ପାଇଁ ବହୁଦିନ ଧରି ଦାବି ହୋଇ ଆସୁଥିଲେ ମଧ ଏ ଦିଗରେ ସରକାର ଉଦାସୀନତା ମନୋଭାବ ପୋଷଣ କରି ଆସୁଥିବା ଅଭିଯୋଗ ହୋଇଥିଲା। ତେଣୁ ସରକାର ଏପରି ଏକ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ଉଚିତ ପଦକ୍ଷେପ ନିଅନ୍ତୁ ବୋଲି ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ ହୋଇଥିଲା। ମହାସଭା କେତେକ ସଂସ୍କାରମୂଳକ ଓ ବିକାଶମୂଳକ ପଦକ୍ଷେପକୁ ପରିଚାଳିତ କରିବ ବୋଲି ମଧ ନିଷ୍ପତ୍ତି ହୋଇଥିଲା। ଶିକ୍ଷାର ବିକାଶ ପାଇଁ ଉଭୟ ପୁଅ ଝିଅଙ୍କୁ ସର୍ବନିମ୍ନ ସ୍ନାତକ ପର୍ଯ୍ୟନ୍ତ ପାଠ ପଢ଼ାଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆର୍ଥିକ ବିକାଶ ପାଇଁ ଉନ୍ନତ ଓ ବୈଜ୍ଞାନିକ କୃଷି ପଦ୍ଧତିର ପ୍ରୟୋଗ ଓ ପରସ୍ପର ମଧ୍ୟରେ ବାଣିଜ୍ୟିକ ସହଯୋଗ, ରାଜନୀତି କ୍ଷେତ୍ରରେ ନିଜର ସ୍ଥିତିକୁ ମଜଭୁତ କରିବାକୁ ଆହ୍ୱାନ ଦିଆଯାଇଥିଲା। ବୈଦ୍ୟନାଥ ମହାନ୍ତ, ସ୍ୱାମୀ ଅଭୟାନନ୍ଦ ସରସ୍ୱତୀ, ଦୋଳଗୋବିନ୍ଦ ମହାନ୍ତ, ପ୍ରଦୀପ ମହାନ୍ତ, ପ୍ରତାପ ମହାନ୍ତ, ସଞ୍ଜୟ ମହାନ୍ତ, ଗୁରୁଚରଣ ମହାନ୍ତ, କୃପାସିନ୍ଧୁ ମହାନ୍ତ ପ୍ରମୁଖ ସମୀକ୍ଷକମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଭାଷାବିତ୍ ହରେକୃଷ୍ଣ ମହାନ୍ତଙ୍କ ଉଦ୍ଭାବିତ କୁଡୁମାଲୀ ଲିପିକୁ ମହାସଭା ସ୍ୱୀକୃତି ଦେଇଥିବା ବେଳେ ଏହି ଅବସରରେ ତାଙ୍କୁ ମହାସଭା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲ।

